RNI NO-ORORI26A4793

ନାରଦ ବାର୍ତ୍ତା

ସତ୍ୟ | ନିରପେକ୍ଷ | ନିର୍ଭୀକ

ଜନ ସ୍ୱାର୍ଥରେ ସତ୍ୟ : ଦାୟିତ୍ୱବୋଧ ସାମ୍ବାଦିକତା

Vol-01, Issue.31,Thursday 05 Nov 2026,Bhubaneswar,Pages-08,Rs.05/-

ବର୍ଷ -୦୧ ,ସଂଖ୍ୟା -୩୧,ଗୁରୁବାର ୦୫ ନଭେମ୍ବର ୨୦୨୬ ,ଭୁବନେଶ୍ୱର,ପୃଷ୍ଠା -୦୮ ,ମୂଲ୍ୟ -୦୫ /-

ଓମାନରେ ଜଣେ ଭାରତୀୟ୍ ନାବିକଙ୍କ ମୃତ୍ୟୁ: ୨୩
ଭାରତୀୟଙ୍କ ଜୀବନ ନେଲାଣି ପଶ୍ଚିମ ଏସିଆ ଯୁଦ୍ଧ



ନୂଆଦିଲ୍ଲୀ: ଓମାନ ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ହେବା ସହିତ ପଶ୍ଚିମ ଏସିଆ ଯୁଦ୍ଧରେ ମୃତ ଭାରତୀୟ ନାଗରିକଙ୍କ ସଂଖ୍ୟା ୨୩ କୁ ବୃଦ୍ଧି ପାଇଛି। ଏହି ୨୩ ଜଣ ଭାରତୀୟଙ୍କ ମଧ୍ୟରୁ ୧୫ ଜଣ ନାବିକ ଥିଲେ। ଓମାନର ଲିମାହ ନିକଟରେ ଏମ୍‌ଏସ୍‌ଭି ଏଏଲ ଜୁସୁଫି ଉପରେ ଆକ୍ରମଣକୁ ଭାରତ ନିନ୍ଦା କରିଛି। ମଙ୍ଗଳବାର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ 'ଏକ୍ସ' ରେ କହିଥିଲେ ଯେ ନଭେମ୍ବର ୨ (ସୋମବାର) ରେ ୧୪ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଭାରତୀୟ ଜାହାଜଟି ଓମାନ ଉପକୂଳ ନିକଟରେ ନାଭିଗେଟ୍ କରିବା ସମୟରେ ଆକାଶମାର୍ଗରୁ ଏକ ଅଜଣାବସ୍ତୁ ଏହାକୁ ଆଘାତ ଦେଇଥିଲା। ଓମାନ ତଟରକ୍ଷୀ ବାହିନୀ ୧୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିବାବେଳେ ଜଣେ ନାବିକ ଗୁଜରାଟ ବାସିନ୍ଦା ଗାନ୍ଧାର ନହିମ୍ ଅଜିଜ୍‌ଙ୍କର ମୃତ୍ୟୁ ହୋଇଥିଲା। ଏକ ବିବୃତିରେ, ବିଦେଶ ମନ୍ତ୍ରଣାଳୟ କହିଛି ଯେ, ପଶ୍ଚିମ ଏସିଆରେ ବାଣିଜ୍ୟିକ ଜାହାଜ ଚଳାଚଳ ଉପରେ ନିରନ୍ତର ଆକ୍ରମଣ ଗଭୀର ଭାବରେ ଚିନ୍ତାଜନକ ଓ ଏହି କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ଫେରିବା ପାଇଁ ତୁରନ୍ତ ଉତ୍ତେଜନା ହ୍ରାସ ଓ କୂଟନୈତିକ ସମାଧାନ ପାଇଁ ଚାଲିଥିବା ଆଲୋଚନା ସମାପ୍ତ କରିବା ପାଇଁ ଭାରତର ଆହ୍ୱାନକୁ ଦୋହରାଇଛି।

ରାଜସ୍ୱ ପରିଷଦ ରାୟ; ସରକାରୀ ଜମି ଉପରେ ଘରୋଇ ବ୍ୟକ୍ତି
ନିଜର ମାଲିକାନା ଜାହିରି କରିପାରିବେନି

କଟକ: ସରକାରୀ ଜମିକୁ ଦୀର୍ଘ ବର୍ଷ ନିଜ ଦଖଲରେ ରଖିଥିଲେ ମଧ୍ୟ ଘରୋଇ ବ୍ୟକ୍ତି ଏହାର ମାଲିକାନା ସତ୍ତ୍ୱ ଜାହିର କରିପାରିବେ ନାହିଁ ବୋଲି ୪ ଦଶନ୍ଧି ଧରି ଚାଲିଥିବା ଏକ ପୁରାତନ ମାମଲାର ବିଚାର କରି ରାଜସ୍ୱ ପରିଷଦ ସଦସ୍ୟ ରାୟ ଦେଇଛନ୍ତି। କଟକ ମହାନଗର ନିଗମ ଅନ୍ତର୍ଗତ ଟାଙ୍ଗୀ-ଚୌଦ୍ୱାର ତହସିଲର ଜଗତପୁର ଗୋଲେଇଛକ ସନ୍ନିକଟ ତରୋଳ ମୌଜାରେ ଥିବା ୬୨.୭୨ ଏକର ସରକାରୀ ଜମିକୁ ନେଇ ଦୀର୍ଘ ୪୩ ବର୍ଷ ଧରି ଚାଲିଥିବା ଆଇନଗତ ବିବାଦର ଅବସାନ ଘଟିଛି। ରାଜସ୍ୱ ପର୍ଷଦ ସଦସ୍ୟ ଶ୍ରୀ ସତ୍ୟବ୍ରତ ସାହୁ ଏହି ଜମି ଉପରେ ଦାବି କରିଥିବା ଆବେଦନକାରୀଙ୍କ ରିଭିଜନ୍ ମାମଲାକୁ ଖାରଜ କରିବା ସହ ଜମିକୁ ସରକାରୀ ଖାତାରେ ପୂର୍ବବତ୍ "ଆବାଦ ଯୋଗ୍ୟ ଅନାବାଦୀ" ଜମି ଭାବେ କାଏମ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମକଦ୍ଦମା ଜମି କଟକ ମହାନଗର ନିଗମ ପରିସରଭୁକ୍ତ ହୋଇଥିବାରୁ, ଏହାକୁ ବିଭିନ୍ନ ଉନ୍ନୟନମୂଳକ ଏବଂ ଲୋକାଭିମୁଖୀ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ ବୋଲି ସରକାରୀ ପକ୍ଷ କୋର୍ଟରେ ମତ ଦେଇଥିଲେ। ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଦାଲତର ୩ ନଭେମ୍ବରର ରାୟ ଅନୁଯାୟୀ, ଜମିକୁ ନେଇ ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥାପିତ ଦଲିଲ ଓ ତଥ୍ୟ ଆଇନଗତ ମାଲିକାନା କିମ୍ବା ରାୟତି ଅଧିକାର ପ୍ରମାଣ କରିବାରେ ସକ୍ଷମ ହୋଇନାହିଁ। ଫଳରେ ଅତିରିକ୍ତ ଜିଲ୍ଲାପାଳ, କଟକଙ୍କ ପୂର୍ବ ଆଦେଶକୁ ବଳବତ୍ତର ରଖାଯାଇଛି। ଆବେଦନକାରୀମାନେ ୧୯୪୫ ମସିହାର ଏକ ପଞ୍ଜୀକୃତ ଲିଜ୍ ଆଧାରରେ ଅନାବାଦୀ ଜମି ଉପରେ ଅଧିକାର ଦାବି କରିଥିଲେ। ଏହି ଲିଜ୍ ଜଣେ ଘରୋଇ ବ୍ୟକ୍ତିଙ୍କ ସପକ୍ଷରେ ଏକ ଝୋଟକଳ ପ୍ରତିଷ୍ଠା ଉଦ୍ଦେଶ୍ୟରେ କରାଯାଇଥିବା ଦାବି ହୋଇଥିଲା। କିନ୍ତୁ ଅଦାଲତ ତାଙ୍କ ପକ୍ଷରୁ ଉପସ୍ଥାପିତ ୧୯୦୫ ମସିହାର ଇଚ୍ଛାପତ୍ର ଓ ଅନ୍ୟାନ୍ୟ ଦଲିଲକୁ ବିଚାର କରି ଦର୍ଶାଇଛନ୍ତି ଯେ, ପୂର୍ବତନ ଜମିଦାରଙ୍କ ବିଧବା, ଯିଏ କି ସଂପୃକ୍ତ ବ୍ୟକ୍ତିଙ୍କୁ ଲିଜ୍ ପ୍ରଦାନ କରିଥିଲେ, ତାଙ୍କର ଉକ୍ତ ଜମି



ଉପରେ କେବଳ ଉପଭୋଗ କରିବାର ଅଧିକାର ଥିଲା। ସମ୍ପତ୍ତିର ମୂଳ ମାଲିକାନାକୁ ସ୍ଥାୟୀ ଭାବେ ହସ୍ତାନ୍ତର କରିବାର କୌଣସି ଅଧିକାର ନଥିଲା। ତେଣୁ ତାଙ୍କ ପକ୍ଷରୁ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଲିଜ୍ ଆଧାରରେ ସ୍ଥାୟୀ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ଦାବି ଆଇନସଙ୍ଗତ ନୁହେଁ। ପୁରୁଣା ପଟ୍ଟା, ଜମାବନ୍ଦୀ ଓ ଖଜଣା ରସିଦ ଆଦି ଖଜଣା ଆଦାୟ କରିବାର ମାଧ୍ୟମ। ଏହାଦ୍ୱାରା ନିଜସ୍ୱ ମାଲିକାନା କିମ୍ବା ରୟତି ଅଧିକାର ସୃଷ୍ଟି ହୁଏ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହ ଜମିରେ ପ୍ରାୟତଃ ଖୋଲା ଜାଗା, ମନ୍ଦିର, ଶିକ୍ଷାନୁଷ୍ଠାନ ଓ ଇଡକୋ ରାସ୍ତା ଥିବା ନେଇ ତହସିଲଦାର, ଟାଙ୍ଗୀ-ଚୌଦ୍ୱାରଙ୍କ ଦ୍ୱାରା କ୍ଷେତ୍ର ସରଜମିନ୍ ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା। ଆବେଦନକାରୀଙ୍କ ଦାବି ଅନୁଯାୟୀ, ମାମଲା ଜମିରେ କୌଣସି ଝୋଟକଳ କିମ୍ବା କୃଷି କାର୍ଯ୍ୟ କରାଯାଉନାହିଁ। ଏହି କାରଣରୁ ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନର ଧାରା-୮(୧) ଅନୁଯାୟୀ ଆବେଦନକାରୀଙ୍କୁ ପ୍ରଜା ବୋଲି ବିବେଚିତ କରିବାର ଦାବି ଅଗ୍ରହଣୀୟ ବୋଲି ପ୍ରମାଣିତ ହୋଇଥିଲା।

ରାଜା ଚକ୍ରଙ୍କ ବଢ଼ିଲା ଅଡୁଆ, ନୁନଝରଣ କ୍ରସର ଜବରଦଖଲ
ମାମଲାରେ ଅର୍ଥନୈତିକ ଅପରାଧ ଶାଖାର ଚଢ଼ାଉ



କେନ୍ଦୁଝରରେ କ୍ରସର ଜବରଦଖଲ ଅଭିଯୋଗ ମାମଲାରେ ପୂର୍ବତନ ବିଜେଡି ନେତା ରାଜା ଚକ୍ର ଓ ସହଯୋଗୀ ସଦାଶିବ ସାମଲଙ୍କ ଘରେ EOW ଚଢ଼ାଉ କରିଛି।


କେନ୍ଦୁଝର: କେନ୍ଦୁଝର ଜିଲ୍ଲା ବିଜେଡିର ପୂର୍ବତନ ସଭାପତି ତଥା ଖଣିଜ ବେପାରୀ ରାଜା ଚକ୍ରଙ୍କ ଅଡୁଆ ପୁଣି ବଢ଼ିଛି। ବେଆଇନ ଅର୍ଥ କାରବାର ମାମଲାରେ କେନ୍ଦ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଡୁଆ ଗଣ୍ଠି ନଫିଟୁଣୁ ବର୍ତ୍ତମାନ ରାଜ୍ୟ ଅପରାଧ ଶାଖା (ଅର୍ଥନୈତିକ) ଇଓଡବ୍ଲୁର ସ୍କାନରରେ ଆସିଛନ୍ତି। ଏକ କ୍ରସରକୁ ବଳପୂର୍ବକ ଅକ୍ତିଆର କରିବା ମାମଲାରେ ଇଓଡବ୍ଲୁର ଏକ ଟିମ୍ ଚଢ଼ାଉ କରିଛି। ଆଜି କେନ୍ଦୁଝର ରେ ରାଜା ଚକ୍ର ଓ ତାଙ୍କର ସହଯୋଗୀ ସଦାଶିବ ସାମଲ ଙ୍କ ଘରେ ଇଓଡବ୍ଲୁର ଦୁଇଟି ଟିମ ଚଢ଼ାଉ କରିଛି । ଚଢ଼ାଉନେଇ ଇଓଡବ୍ଲୁ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ତେବେ ନିକଟତମ ସୂତ୍ରରୁ ଜଣାଯାଇଛି, ନୁନଝରଣରେ ଏକ କ୍ରସର ମାଲିକାଣୀଙ୍କୁ ୧କୋଟି ୨୦ଲକ୍ଷ ଟଙ୍କାରେ କିଣିବାକୁ ରାଜା ଚକ୍ର, ସଦାଶିବ ସାମଲ ଓ ଜ୍ୟୋତିରଞ୍ଜନ ମିଶ୍ର ଚୁକ୍ତି କରିଥିଲେ। କିନ୍ତୁ ମାଲିକାଣୀଙ୍କୁ ଏହି ଟଙ୍କା ନଦେଇ ବଳପୂର୍ବକ କ୍ରସର ଉପରେ ନିଜର ଅଧିକାର ଜାହିର କରିଥିଲେ। ସମ୍ପୃକ୍ତ କ୍ରସର ମାଲିକଙ୍କ ଲିଖିତ ଅଭିଯୋଗ ପରେ ଇଓଡବ୍ଲୁ ବିଏନ୍‌ଏସ୍‌ର ଧାରା ୧୧୧(୨)(ବି) ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ଗତ ୧୦ ତାରିଖ ଦିନ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନୁନଝରଣ ଗାଁରେ ପହଞ୍ଚି ସରଜମିନ ଅନୁସନ୍ଧାନ କରାଯାଇଥିଲା। ଏହି ଅନୁସନ୍ଧାନରେ, ସଦର ଥାନା ପୁଲିସ ଟିମ୍ ଏବଂ ସଦର ତହସିଲଦାରଙ୍କ ସହ ଇଓଡବ୍ଲୁର ଟିମ୍ ଯୋଗ ଦେଇଥିଲେ। ଏହା ସହ ସମ୍ପୃକ୍ତ ସ୍ଥାନର ମାପଚୁପ ମଧ୍ୟ କରାଯାଇଥିଲା ।ସୂଚନାଯୋଗ୍ୟ, ପୂର୍ବରୁ ଶୁଆକାଟି ସ୍ଥିତ ଗନ୍ଧମାର୍ଦନ ଲୋଡିଂ ଏଜେନ୍ସିରେ ଅର୍ଥ କାରବାର ସମ୍ପର୍କିତ ମାମଲାରେ ୨୦୨୫ ମାର୍ଚ୍ଚ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରାଜା ଚକ୍ରଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ରାଜାବାଲେଶ୍ୱର ଜେଲରେ ଥିବା ଜଣାପଡ଼ିଛି।

ବେସରକାରୀ ଅନୁଦାନପ୍ରାପ୍ତ ଅଧକ୍ଷମାନଙ୍କ ପାଇଁ ଦୀପାବଳି ଭେଟି,
ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ଏଣିକି ମିଳିବ ମାସିକ ପ୍ରୋତ୍ସାହନ ରାଶି



ଭୁବନେଶ୍ୱର: ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ପାଇଁ ଖୁସି ଖବର । ଏଣିକି ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ମାସିକ ୫ରୁ ୧୦ହଜାର ପ୍ରୋତ୍ସାହନ ରାଶି ପାଇବେ। ରାଜ୍ୟର ପ୍ରାୟ ୬୪୧ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଏଥିରେ ଉପକୃତ ହେବେ। ଆଜି (ବୁଧବାର) ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୪୮୮ ଓ ୬୬୨ ବର୍ଗର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ପାଇବେ ମାସିକ ପ୍ରୋତ୍ସାହନ ରାଶି । ନିଷ୍ପତ୍ତି ଅନୁଯାୟୀ ଯେଉଁ ଅଧକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଞ୍ଚଳରେ ପୋଷ୍ଟିଂ ପାଇଥିବେ, ସେମାନଙ୍କୁ ମାସକୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ନିଜ ଜିଲ୍ଲାର ବାହାରେ ପୋଷ୍ଟିଂ ଥିଲେ ମାସକୁ ମିଳିବ ୭ ହଜାର ଟଙ୍କା । ନିଜ ଜିଲ୍ଲା କିମ୍ବା ଘର ଠାରୁ ୩୦୦ କିଲୋମିଟର ଦୂରରେ ପୋଷ୍ଟିଂ ଥିଲେ ୯ ହଜାର ଟଙ୍କା ମିଳିବ । ଯଦି ଭୌଗୋଳିକ ଭାବେ ଦୂର ଓ ଦୁର୍ଗମ ଅଞ୍ଚଳରେ ପୋଷ୍ଟିଂ ହୋଇଥିବ, ତେବେ ଏଥିପାଇଁ ସମ୍ପୃକ୍ତ ଭାରପ୍ରାପ୍ତ ଅଧକ୍ଷଙ୍କୁ ମାସକୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ଏହି ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ । ଏହାଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ କରିବେ । ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପର ଠାରୁ ଏହା ଲାଗୁ ହେବ। ଏହାଦ୍ୱାରା ଏହି ବର୍ଗର ବିଭିନ୍ନ କଲେଜର ଅଧ୍ୟାପକମାନେ ଦୂର ଦୂରାନ୍ତରରେ ଥିବା କଲେଜ ଗୁଡ଼ିକରେ ଅଧକ୍ଷ ଦାୟିତ୍ୱ ନେବା ପାଇଁ ଆଗ୍ରହ ପ୍ରକାଶ କରିବେ। ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ ପ୍ରକ୍ରିୟା ସୂଚାରୁ ରୂପେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଓଡ଼ିଶାର ୬୪୧ ଅନୁଦାନପ୍ରାପ୍ତ କଲେଜର ଭାରପ୍ରାପ୍ତ ଅଧକ୍ଷଙ୍କୁ ମିଳିବ ମାସିକ ୫ରୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ। ଏଥିପାଇଁ ବର୍ଷକୁ ଖର୍ଚ୍ଚ ହେବ ୬ କୋଟି ଟଙ୍କା। ବେସରକାରୀ ଅନୁଦାନପ୍ରାପ୍ତ ଅଧକ୍ଷମାନଙ୍କ ପାଇଁ ଦୀପାବଳି ଭେଟି, ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ଏଣିକି ମିଳିବ ମାସିକ ପ୍ରୋତ୍ସାହନ

ଆମେରିକାର ପ୍ରତିନିଧି ସଭାକୁ ନିର୍ବାଚିତ ହୋଇ ଇତିହାସ
ରଚିଲେ ପ୍ରଥମ ଭାରତୀୟ-ଆମେରିକୀୟ ମହିଳା



ନୂଆଦିଲ୍ଲୀ: ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟିକ୍ ପ୍ରାର୍ଥୀ ପିୟା ଡାଣ୍ଡିଆ ଫ୍ଲୋରିଡାର ୨୨ତମ କଂଗ୍ରେସସିଆଲ ଜିଲ୍ଲାର ନିର୍ବାଚନରେ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ସେ ରିପବ୍ଲିକାନ୍ ପ୍ରାର୍ଥୀ କେସି ଆସ୍କରଙ୍କୁ ପରାସ୍ତ କରିଛନ୍ତି। ଦକ୍ଷିଣ ଫ୍ଲୋରିଡାରେ ୨୦୨୬ ମସିହାର ଆମେରିକୀୟ ମଧ୍ୟବର୍ତ୍ତୀ ନିର୍ବାଚନରେ ପିୟା ଡାଣ୍ଡିଆ ଓ କେସି ଆସ୍କରଙ୍କ ମଧ୍ୟରେ ହୋଇଥିବା ଲଢ଼େଇ ସବୁଠାରୁ ଚର୍ଚ୍ଚିତ ନିର୍ବାଚନ ମଧ୍ୟରୁ ଅନ୍ୟତମ ଥିଲା। ମଙ୍ଗଳବାର, ନଭେମ୍ବର ୩ରେ ଘୋଷିତ ଫଳାଫଳ ଅନୁଯାୟୀ, ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଡାଣ୍ଡିଆ ୫୧.୯ ପ୍ରତିଶତ ଭୋଟ୍ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆସ୍କର ୪୯.୧ ପ୍ରତିଶତ ଭୋଟ୍ ପାଇଛନ୍ତି। ରିପୋର୍ଟ ଅନୁଯାୟୀ, ପିୟା ଡାଣ୍ଡିଆଙ୍କ ବିଜୟ ଭାରତୀୟ-ଆମେରିକୀୟ ସମୁଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସେ ଫ୍ଲୋରିଡାରୁ ଆମେରିକାର ପ୍ରତିନିଧି ସଭାକୁ ନିର୍ବାଚିତ ହେବାରେ ପ୍ରଥମ ଭାରତୀୟ-ଆମେରିକୀୟ ହୋଇଛନ୍ତି। ସେହିପରି ଆମେରିକୀୟ କଂଗ୍ରେସକୁ ନିର୍ବାଚିତ ହେବାରେ ସେ ଦଶମ ଭାରତୀୟ ବଂଶୋଦ୍ଭବ। ପିୟାଙ୍କ ନିର୍ବାଚନ ପ୍ରଚାରରେ ଶିକ୍ଷା, ସୁଲଭ ଜୀବନଯାପନ ଏବଂ ଆର୍ଥିକ ସୁଯୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବିଜୟ ପରେ ସେ ଫ୍ଲୋରିଡାର ପୁନଃନିର୍ଦ୍ଧାରିତ ୨୨ତମ କଂଗ୍ରେସସିଆଲ ଜିଲ୍ଲାର ପ୍ରତିନିଧିତ୍ୱ କରିବେ। ପିୟା ଡାଣ୍ଡିଆଙ୍କ ଜନ୍ମ ଓ ପିଲାଦିନ ଫ୍ଲୋରିଡାର ପାମ୍ ବିଚ୍ କାଉଣ୍ଟିରେ କଟିଥିଲା। ସେ ପ୍ରଥମ ପିଢ଼ିର ଭାରତୀୟ-ଆମେରିକୀୟ। ତାଙ୍କ ମାତାପିତା ୧୯୮୦ ମସିହାରେ ରାଜସ୍ଥାନର ଜୟପୁରରୁ ଆସି ଆମେରିକାରେ ବସବାସ କରିଥିଲେ।ଭାରତୀୟ ବଂଶୋଦ୍ଭବ ପିୟା ପୂର୍ବରୁ ଶିକ୍ଷୟିତ୍ରୀ ଥିଲେ। ସେ ନ୍ୟୁୟର୍କର ହାର୍ଲେମ୍‌ରେ ଏକ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଏହା ବ୍ୟତୀତ ସେ 'ହ୍ୱାଇଟ୍ ହାଉସ୍ ଫେଲୋ' ଭାବେ କାମ କରିବା ସହ ଆପଲ୍ କମ୍ପାନିରେ ମଧ୍ୟ ନିଜର ସେବା ଦେଇଛନ୍ତି। ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟିକ୍ ପ୍ରାର୍ଥୀ ପିୟା ଡାଣ୍ଡିଆ ଫ୍ଲୋରିଡାର ୨୨ତମ କଂଗ୍ରେସସିଆଲ ଜିଲ୍ଲାର ନିର୍ବାଚନରେ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ସେ ରିପବ୍ଲିକାନ୍ ପ୍ରାର୍ଥୀ କେସି ଆସ୍କରଙ୍କୁ ପରାସ୍ତ କରିଛନ୍ତି।

ପର୍ଯ୍ୟଟକଙ୍କ ପାଇଁ ଖୋଲିଲା କୁଲଡିହା ଅଭୟାରଣ୍ୟ



ନୀଳଗିରି: ପ୍ରତିବର୍ଷ ନଭେମ୍ବର ୧ ତାରିଖରୁ ପର୍ଯ୍ୟଟକ ପାଇଁ କୁଲଡିହା ଅଭୟାରଣ୍ୟ ଖୋଲାଯାଇଥାଏ । କିନ୍ତୁ ଚଳିତବର୍ଷ ପ୍ରବଳ ବର୍ଷା ଯୋଗୁଁ ରାସ୍ତା କାର୍ଯ୍ୟ ଶେଷ ହୋଇନଥିବାରୁ ଏହା ସର୍ବସାଧାରଣଙ୍କ ନିମନ୍ତେ ଖୋଲିବାରେ ବିଳମ୍ବ ହୋଇଥିଲା। ଏନେଇ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଶେଷରେ ଆଜି (ବୁଧବାର) ପର୍ଯ୍ୟଟକଙ୍କ ପାଇଁ ଅଭୟାରଣ୍ୟର ଫାଟକ ଖୋଲାଯାଇଛି। ଏନେଇ ଆଜି ପୂର୍ବାହ୍ନରେ କୁଲଡିହା ଅଭୟାରଣ୍ୟର ବାଲିଆନାଳ ମୁଖ୍ୟ ଫାଟକ ଠାରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଡିଏଫଓ ପ୍ରତୀକ ପ୍ରକାଶ ଇନ୍ଦଲ କର୍, ଏସିଏଫ ମାଣିକେଶ୍ବରୀ ହାଁସଦା, ରେଞ୍ଜର ମନୋରଞ୍ଜନ ନାଏକ, ଟୁରିଷ୍ଟ ଗାଇଡ ମନୋରଞ୍ଜନ ଦାସ, ସ୍ଥାନୀୟ ସରପଞ୍ଚ ବାସନ୍ତୀ ହେମ୍ବ୍ରମ, କେସିପୁର ସମିତିସଭ୍ୟା ଶକୁନ୍ତଳା ବିଶ୍ୱାଳ, ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂ, ଶ୍ରୀନିବାସ ବାଗ, ଅସିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଟୁରିଷ୍ଟଗାଇଡ଼ ମନୋରଞ୍ଜନ ଦାସଙ୍କ ନେତୃତ୍ୱରେ ପ୍ରଥମ ଦିନରେ ପଶ୍ଚିମବଙ୍ଗ ଏନ୍ ଆଇ ଏଫ୍ ଟି ବିଶ୍ୱବିଦ୍ୟାଳୟ ରୁ ଆସିଥିବା ୩୬ଛାତ୍ରଛାତ୍ରୀ, ପ୍ରଫେସର ପ୍ରବେଶ କରି ଥିଲେ। ଅନ୍ୟ୬ ବାଙ୍ଗୀୟ ପର୍ଯ୍ୟଟକଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା।ଉକ୍ତ ପର୍ଯ୍ୟଟକ ମାନେ ଗତ କାଲି ଠାରୁ ଆସି ପଂଚଲିଶ୍ୱର ସ୍ଥିତ ସାଇ ଇଶ୍ବରୀ ବ୍ଲୁ ହିଲିସ ରିସଟ ଥିଲେ ଓ ଉକ୍ତ ପର୍ଯ୍ୟଟକ ଙ୍କ ଠାରୁ ବନବିଭାଗ ରାଜସ୍ୱ ବାବଦ କୁ୧୬୪୦ ଆୟ କରିଛି। କାର୍ଯ୍ୟକ୍ରମ ପୂର୍ବତନ ଭାରପ୍ରାପ୍ତ ରେଞ୍ଜର ତଥା ଯୋଡ଼ାଚୁଆ ଫରେଷ୍ଟର ସୌମ୍ୟରଞ୍ଜନ ମାଝୀ,କୁଲଡିହା ଫରେଷ୍ଟର ଦେବରାଜ ରାଉତ,ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଫରେଷ୍ଟର ହୃଷିକେଶ ପ୍ରଧାନ,କୁଲଡିହାସ୍ୱତନ୍ତ୍ର ଫରେଷ୍ଟର ବାଲୁକେଶ୍ୱର ହେମ୍ବ୍ରମ୍,ବାଲିଆନାଳ ବିଟ ଫରେଷ୍ଟ ଗାର୍ଡ ଲିପିକା ପାଣିଗ୍ରାହୀ, ପୁରୁଣାପାଣି ଫରେଷ୍ଟ ଗାର୍ଡ ହିମାଂଶୁ ଶେଖର ପାଢ଼ୀ, କଇମହୁଡ଼ି ଫରେଷ୍ଟ ଗାର୍ଡ ତପନ କୁମାର ଜେନା, ଚେକମରା ଫରେଷ୍ଟ ଗାର୍ଡ ଆରତୀ ପରିଡା ଓ ସମସ୍ତ ବନ କର୍ମଚାରୀ, ବରହମପୁର ପୁଲିସ ଏସାଇ ମନୋରଞ୍ଜନ ପୁହାଣ, ଏଏସାଇ ନନ୍ଦ କିଶୋର ବିଶ୍ୱାଳ, ନୀଳଗିରିର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ନାରଦ ବାର୍ତ୍ତା
ସତ୍ୟ | ନିରପେକ୍ଷ | ନିର୍ଭୀକ

ବିନା ଲାଇସେନ୍ସରେ ଚାଲିଥିଲା ବାଣ ବିକ୍ରି; ସଦର ପୋଲିସର ଚଢ଼ଉ, ବ୍ୟବସାୟୀ ଅଟକ



ବ୍ରହ୍ମପୁର, ୦୪/୧୧,(ନାରଦ ବାର୍ତ୍ତା - ମନୋଜ କୁମାର ପାତ୍ର): ଦୀପାବଳି ପୂର୍ବରୁ ବେଆଇନ ବାଣ କାରବାର ଉପରେ ପୁଲିସର କଡ଼ା ନଜର। ଲୁଚାଛପାରେ ବିପୁଳ ପରିମାଣର ବାଣ ଗଚ୍ଛିତ ରଖି ବିକ୍ରି କରିବା ଯୋଜନା ଚାଲିଥିବା ବେଳେ ପୁଲିସ ଚଢ଼ାଉ କରି ଜଣେ ବ୍ୟବସାୟୀଙ୍କୁ ଧରିବା ସହ ୧୩ ପ୍ରକାରର ବାଣ ଜବତ କରିଛି। ଧରାପଡ଼ିଥିବା ବ୍ୟବସାୟୀ ଜଣକ ହେଲେ ବ୍ରହ୍ମପୁର କୈଳାସ ନଗର ଚତୁର୍ଥ ଲାଇନର କହ୍ନା ସାହୁ (୨୩)। ସୂଚନା ଅନୁଯାୟୀ, ସଦର ଥାନାର ଏଏସ୍ଆଇ ରବୀନ୍ଦ୍ର ପ୍ରଧାନ ଥାନା କର୍ମଚାରୀଙ୍କ ସହ ସନ୍ଧ୍ୟାରେ ନଳିହାଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଗୁପ୍ତ ସୂତ୍ରରୁ ଖବର ପାଇଥିଲେ ଯେ, ବ୍ରହ୍ମପୁରର କହ୍ନା ସାହୁ ନଳିହାଡ଼ା ଗ୍ରାମର ସୁରେଶ ବିଷୋୟୀଙ୍କ ଏକ କୋଠରିରେ ବିନା ଅନୁମତିରେ ବିକ୍ରି ଉଦ୍ଦେଶ୍ୟରେ ବିପୁଳ ପରିମାଣର ବାଣ ଗଚ୍ଛିତ ରଖିଛନ୍ତି। ପରେ ପୁଲିସ ଟିମ୍ ଉକ୍ତ କୋଠରିରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ କୋଠରି ଭିତରେ ବିଭିନ୍ନ ବ୍ରାଣ୍ଡର ବାଣ ଗଚ୍ଛିତ ଥିବା ସହ କହ୍ନା ସାହୁ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ବାଣ ଗଚ୍ଛିତ ରଖିବା ଓ ବିକ୍ରି କରିବା ପାଇଁ ଆବଶ୍ୟକ ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜପତ୍ର ମାଗିବାରୁ ସେ କୌଣସି ବୈଧ ଦସ୍ତାବିଜ୍ ଦେଖାଇ ପାରିନଥିଲେ। ଷ୍ଟାରି ସିମ୍ଫୋନି ୧୧ ପ୍ୟାକେଟ୍, ସ୍ପେସ୍ ୱାର୍ ୨୨ ପ୍ୟାକେଟ୍, ପେପର ସଟ୍ସ ୩୫ ପ୍ୟାକେଟ୍, ରେଡ୍ ଜାଏଣ୍ଟ ୧୦ ପ୍ୟାକେଟ୍, ବଡ଼ ଫ୍ଲାୱାର ପଟ୍ ୩୫ ପ୍ୟାକେଟ୍, ଗ୍ରାଉଣ୍ଡ ଚକ୍କର ୩୫ ପ୍ୟାକେଟ୍, ଇଲେକ୍ଟ୍ରିକ୍ ସ୍ପାର୍କଲର୍ ୪୦ ପ୍ୟାକେଟ୍, ଚକ୍କର ସ୍ପେଶାଲ୍ ୨୦ ପ୍ୟାକେଟ୍, ରକେଟ୍ ବମ୍ ୩୫ ପ୍ୟାକେଟ୍, ଜମିନ୍ ଚକ୍ର ସ୍ପେଶାଲ୍ ୧୨ ପ୍ୟାକେଟ୍, ଆଇସ୍ ଏଜ୍ ୧୦ ପ୍ୟାକେଟ୍, ଭେରାଇଟି ବ୍ରାଣ୍ଡ ସିଙ୍ଗଲ୍ ସଟ୍ ୯ ପ୍ୟାକେଟ୍ ଏବଂ ମାଠାପି ୧୦ ବଣ୍ଡଲ୍ ଜବତ କରିଥିଲା। ଏ ନେଇ ଥାନାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି ।

ଅଦ୍ୱୈତ ବେଦାନ୍ତ ଆଶ୍ରମରେ ତ୍ରିଂଶଦିନ ବ୍ୟାପୀ ହରିନାମ ସଙ୍କୀର୍ତ୍ତନ ଅନ୍ନଯଜ୍ଞ ସହ ଆଧାତ୍ମିକ ପରିବେଶରେ ଭକ୍ତିମୟ ଆୟୋଜନ



ଗୁଣପୁର,୦୪/୧୧,(ନାରଦ ବାର୍ତ୍ତା): ପବିତ୍ର କାର୍ତ୍ତିକ ମାସ ଅବସରରେ ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡର ବିକ୍ରମପୁର ସଙ୍ଗମସ୍ଥଳୀସ୍ଥିତ ଅଦ୍ୱୈତ ବେଦାନ୍ତ ଆଶ୍ରମରେ ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ବାବା ନଳିନୀ କାନ୍ତଙ୍କ ପୌରୋହିତ୍ୟରେ ତ୍ରିଂଶଦିନ ବ୍ୟାପୀ ହରିନାମ ସଙ୍କୀର୍ତ୍ତନ ସହ ଅନ୍ନଯଜ୍ଞ ଚାଲୁ ରହିଛି।ଏହି ଅବସରରେ ଗୁରୁ ଶ୍ରୀ ସୁବାସ ରଥ ଓ କୁଲୁ ସେଠୀଙ୍କ ପ୍ରୟାସରେ ଗରଣ୍ଡା ଗ୍ରାମର ଜୟ ଶ୍ରୀକୃଷ୍ଣ ଚୈତନ୍ୟ ନିତାଇ ଗୌର ସଙ୍କୀର୍ତ୍ତନ ମଣ୍ଡଳୀ ଆଶ୍ରମରେ ପହଞ୍ଚି ହରିନାମ ସଙ୍କୀର୍ତ୍ତନ କରିଥିଲେ। ମଣ୍ଡଳୀର ସଦସ୍ୟମାନଙ୍କ ସଙ୍କୀର୍ତ୍ତନରେ ଆଶ୍ରମ ପରିସର ଭାବ ଓ ଭକ୍ତିମୟ ହୋଇଉଠିଥିଲା।ସ୍କନ୍ଧ ପୁରାଣ ଅନୁସାରେ କାର୍ତ୍ତିକ ମାସର ମହତ୍ତ୍ୱ ଅତୁଳନୀୟ। ଏହାକୁ ଦାମୋଦର ମାସ ମଧ୍ୟ କୁହାଯାଏ। ଏହି ମାସରେ ଦୀପ ପ୍ରଜ୍ୱଳନ, ତୁଳସୀ ପୂଜନ ଓ ହରିନାମ ସଙ୍କୀର୍ତ୍ତନକୁ ବିଶେଷ ଗୁରୁତ୍ୱ ଦିଆଯାଏ। ବାବା ନଳିନୀ କାନ୍ତଙ୍କ ମତରେ, ଯମ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ କାର୍ତ୍ତିକ ବ୍ରତ ଓ ହରିନାମ ସଙ୍କୀର୍ତ୍ତନ ଏକମାତ୍ର ମାର୍ଗ।

ସାମ୍ବାଦିକଙ୍କୁ ହତ୍ୟା ଧମକ ଅଭିଯୋଗ, ଥାନାରେ ଏତଲା

ରଶ୍ମି ପଟ୍ଟନାୟକଙ୍କ ନାମରେ ଅଭିଯୋଗ; ନିଜ ସହ ପରିବାରର ସୁରକ୍ଷା ଦାବି



ବ୍ରହ୍ମପୁର,୦୪/୧୧,(ନାରଦ ବାର୍ତ୍ତା) : ସାମ୍ବାଦିକଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ବ୍ରହ୍ମପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଅଭିଯୋଗରେ କଂଗ୍ରେସର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ରଶ୍ମି ପଟ୍ଟନାୟକଙ୍କ ନାମ ଉଲ୍ଲେଖ ଥିବା ଜଣାପଡ଼ିଛି।ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଛି। ଏହାକୁ ନେଇ ସେ ନିଜ ସହ ପରିବାରର ସୁରକ୍ଷା ଦାବି କରି ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ମଧ୍ୟ ଅନୁରୋଧ କରିଛନ୍ତି।ଜଣେ ସାମ୍ବାଦିକଙ୍କୁ ଏଭଳି ଧମକ ଦିଆଯାଇଥିବା ଅଭିଯୋଗ ମୁକ୍ତ ସାମ୍ବାଦିକତା ଓ ସାମ୍ବାଦିକଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ରାଜନୈତିକ ପ୍ରଭାବରେ କେହି ଆଇନର ଊର୍ଦ୍ଧ୍ୱରେ ନୁହନ୍ତି। ତେଣୁ ପୁଲିସ ଅଭିଯୋଗର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ଆବଶ୍ୟକ।

ରାୟଗଡାରେ ୧୫ ଦିନରେ ୫ମ ଘଟଣା

୫ କିମି ଭାରରେ ବୁହାହେଲେ ଗର୍ଭବତୀ, ପହଞ୍ଚିପାରିଲାନି ଆମ୍ବୁଲାନ୍ସ



ରାୟଗଡ଼ା,୦୪/୧୧,(ସୁବ୍ରତ ଚୌଧୁରୀ): ଗାଁକୁ ପକ୍କା ରାସ୍ତା ନଥିବାରୁ ପହଞ୍ଚିପାରିଲାନି ୧୦୮ ଆମ୍ବୁଲାନ୍ସ। ଶେଷରେ ୫ କିମିରୁ ଊର୍ଦ୍ଧ୍ୱ କାଦୁଅ ଓ ପଥୁରିଆ ରାସ୍ତାରେ ଭାରରେ ବୁହା ହୋଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚିଲେ ଜଣେ ଗର୍ଭବତୀ। ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍‌ର ସାଟା ଗ୍ରାମରୁ ଆସିଥିବା ଏହି ଘଟଣା ଗ୍ରାମାଞ୍ଚଳର ରାସ୍ତାଘାଟ ବିକାଶକୁ ନେଇ ପୁଣି ପ୍ରଶ୍ନ ଉଠାଇଛି।ସୂଚନା ଅନୁଯାୟୀ, ସାଟା ଗ୍ରାମର ଏସୋ ମାଝୀଙ୍କ ପତ୍ନୀ ରିବିକା ମାଝୀଙ୍କର ମଙ୍ଗଳବାର ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ମାତ୍ର ପକ୍କା ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରିନଥିଲା। ଫଳରେ ଆମ୍ବୁଲାନ୍ସ କର୍ମଚାରୀ, ଆଶାକର୍ମୀ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ସାଟାରୁ ପାଜିଲିବନ୍ଧ ପର୍ଯ୍ୟନ୍ତ ୫ କିମିରୁ ଅଧିକ ବାଟ ଭାରରେ ବୋହି ନିଆଯାଇଥିଲା। ପରେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ଧରି ଗାଁକୁ ପକ୍କା ରାସ୍ତା ନଥିବାରୁ ବର୍ଷାଦିନେ ଯାତାୟାତ ଦୁର୍ବିଷହ ହୋଇପଡୁଛି। ବିଶେଷକରି ଗର୍ଭବତୀ ଓ ରୋଗୀଙ୍କୁ ଡାକ୍ତରଖାନା ନେବାରେ ନାନା ସମସ୍ୟା ହେଉଛି। ତେଣୁ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସେମାନେ ସରକାରଙ୍କୁ ନିବେଦନ କରିଛନ୍ତି।ଉଲ୍ଲେଖଯୋଗ୍ୟ, ଗତ ମେ ୧ ତାରିଖରେ ରାୟଗଡ଼ା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ୭୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ଖବର ରହିଛି। ଜିଲ୍ଲାରେ ଏଭଳି ଘଟଣାର ପୁନରାବୃତ୍ତି ହେଉଥିବାରୁ ଅନୁଦାନର ବିନିଯୋଗ ଓ ଗ୍ରାମାଞ୍ଚଳ ରାସ୍ତାର ବାସ୍ତବ ସ୍ଥିତିକୁ ନେଇ ପ୍ରଶ୍ନ ଉଠୁଛି। ଗତ ୧୫ ଦିନ ମଧ୍ୟରେ ଜିଲ୍ଲାରେ ଏଭଳି ୫ଟି ଘଟଣା ସାମ୍ନାକୁ ଆସିଥିବା ଜଣାପଡ଼ିଛି। ଏହି ସମୟରେ ଆମ୍ବୁଲାନ୍ସ ଟେକ୍ନିସିଆନ୍ ଯଶବନ୍ତ ନାୟକ, ପାଇଲଟ୍ ବିନୋଦ କୁମାର ସାହୁକାର, ଆଟେଣ୍ଡାଣ୍ଟ ପ୍ରମୋଦ ଜେନା ଓ ଆଶାକର୍ମୀ ସୁମତି ମାଝୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

ଅନ୍ତର୍ଲା ଗ୍ରାମରୁ ୫ ଜଣ ବେଆଇନ ଦାଦନ ଶ୍ରମିକ ଉଦ୍ଧାର; ଦଲାଲ ଗିରଫ ଓ କୋର୍ଟଚାଲାଣ।



ବଲାଙ୍ଗୀର,୦୪।୧୧,(ନାରଦ ବାର୍ତ୍ତା): ବଲାଙ୍ଗୀର ଜିଲ୍ଲାରେ ଦାଦନ ଚାଲାଣ ରାକେଟ୍ ବିରୋଧରେ ପ୍ରଶାସନ ଓ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ, ଗତକାଲି ରାତିରେ ମୁରିବାହାଲ ଥାନା ଅଞ୍ଚଳରୁ ଏକ ବଡ଼ଧରଣର ଦାଦନ ଚାଲାଣ ଉଦ୍ୟମକୁ ପଣ୍ଡ କରାଯାଇଛି। ଏହି ଥାନା ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରୁ ପାଞ୍ଚଜଣ ବେଆଇନ ଦାଦନ ଶ୍ରମିକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିବା ବେଳେ ଏହି ଘଟଣାରେ ଜଣେ ଦଲାଲକୁ ମୁରିବାହାଲ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଅନ୍ତର୍ଲା ଗ୍ରାମର ବିଜୟ ନାଗଙ୍କ ପୁଅ ବାଲ୍ମିକୀ ନାଗ (୨୬ ବର୍ଷ) ବୋଲି ଜଣାପଡ଼ିଛି। ପୋଲିସର ସୂଚନା ଅନୁସାରେ ଅଭିଯୁକ୍ତ ବାଲ୍ମିକୀ ନାଗ ବିଭିନ୍ନ ଥାନା ଅଞ୍ଚଳ ଯଥା ପାଟଣାଗଡ଼, ଲରମ୍ଭା ଏବଂ ଦେଓଗାଁ ଥାନା ଆଦିରୁ ମୋଟ ପାଞ୍ଚଜଣ ବ୍ୟକ୍ତି (୨ ଜଣ ପୁରୁଷ ଓ ୩ ଜଣ ମହିଳା)ଙ୍କୁ ଆଣି ନିଜ ଗ୍ରାମରେ ଲୁଚାଇ ରଖିଥିଲା। ସେହି ଶ୍ରମିକ ମାନଙ୍କୁ ପ୍ରତ୍ୟେକ ପିଛା ୫୦,୦୦୦/- ଟଙ୍କା ଅଗ୍ରିମ (Advance) ଦେବା ଏବଂ ରାଜ୍ୟ ଭିତରେ କାମକୁ ପଠାଇବା ନେଇ ମିଥ୍ୟା ପ୍ରତିଶ୍ରୁତି ଦେଇ ଗତ ତିନି ଦିନ ହେବ ସେମାନଙ୍କୁ ଗୋପନରେ ଅଟକ ରଖିଥିଲା। ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ଯେ, ଅଭିଯୁକ୍ତ ଅଧିକ ମୋଟା ଅଙ୍କର ଟଙ୍କା ଲୋଭରେ ଜଣେ ସ୍ଥାନୀୟ ଦାଦନ ସର୍ଦ୍ଦାର ସହ ଆଲୋଚନା ଚଳାଇଥିଲା ଏବଂ ଉକ୍ତ ଶ୍ରମିକମାନଙ୍କୁ ରାଜ୍ୟ ବାହାରକୁ ଚାଲାଣ କରିବାରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ଘଟଣାରେ ବାବଦରେ ବିଶେଷ ସୂତ୍ରରୁ ଖବର ପାଇ ମୁରିବାହାଲ ପୋଲିସ ତତ୍ପରତା ପ୍ରକାଶ କରି ଗତକାଲି ରାତିରେ ଚଢ଼ାଉ କରି ଉକ୍ତ ପାଞ୍ଚଜଣ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଏଥି ସହିତ ଦଲାଲ ବାଲ୍ମିକୀ ନାଗକୁ କାବୁ କରିଥିବା ବେଳେ ଆଜି ତାକୁ ଆଇନଗତ ପ୍ରକ୍ରିୟା ଅଧୀନରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଥାଉ କି, ଗରିବ ଓ ଅସହାୟ ଲୋକଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଦାଦନ ଖଟିକୁ ଚାଲାଣ କରୁଥିବା ଏଭଳି ଅସାଧୁ ଚକ୍ର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସଫେଇ କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କଲେ ପୂର୍ବତନ କର୍ପୋରେଟର ଅନିଲ

ବ୍ରହ୍ମପୁର,୦୪/୧୧(ନାରଦ ବାର୍ତ୍ତା - ମନୋଜ କୁମାର ପାତ୍ର):ପବିତ୍ର ଦୀପାବଳି ଉପଲକ୍ଷେ, ମହାନଗର ନିଗମର ପୂର୍ବତନ କର୍ପୋରେଟର ଅନିଲ ନାୟକ ସୋସିଆଲ ସର୍ଭିସ ତରଫରୁ, ଗରିବ ସଫେଇ କର୍ମଚାରୀ ମାନଙ୍କୁ, ଧାନମେରା ସାହି ସ୍ଥିତ ବାସଭବନ ଠାରେ, ବୁଧବାର ସନ୍ଧ୍ୟା ୫ଘଣ୍ଟା ସମୟରେ, ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଅର୍ବେନ୍ ବ୍ୟାଙ୍କ୍ ସଭାପତି ଆର୍ ମୁରଲୀ ମୋହନ, ପୂର୍ବତନ ବିଜେଡି ଜିଲ୍ଲା ସଭାପତି ତଥା ବୃକ୍ଷବନ୍ଧୁ ସୁବାଷ ମହାରଣାଙ୍କ ଉପସ୍ଥିତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତ ସଫେଇ କର୍ମଚାରୀ ପୂର୍ବତନ କର୍ପୋରେଟର ଅନିଲ ନାୟକଙ୍କୁ ଏହି ମହତ୍ କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ।

ବନ୍ୟା ବିପନ୍ନଙ୍କୁ ସପ୍ତଗିରି ପରିବାର ପକ୍ଷରୁ ରିଲିଫ୍ ବଣ୍ଟନ

ପ୍ରତିଦିନ ୧୦୦୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ



ବ୍ରହ୍ମପୁର,୦୪/୧୧,(ନାରଦ ବାର୍ତ୍ତା - ମନୋଜ କୁମାର ପାତ୍ର): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ଲଗାଣ ବର୍ଷା ଓ ବନ୍ୟାରେ ଗଞ୍ଜାମ ଜିଲ୍ଲାର ସୋରଡ଼ା, ଶେରଗଡ଼, ଆସିକା, ଭଞ୍ଜନଗର, ପୁରୁଷୋତ୍ତମପୁର, ଚିକିଟି ଓ ପାତ୍ରପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବନ୍ୟାଜଳ ମାଡ଼ିଯିବାରୁ ଅନେକଙ୍କ ଘରଦ୍ୱାର, ବ୍ୟବସାୟ ପ୍ରତିଷ୍ଠାନ ଓ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନେକ ପରିବାର ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଅଭାବରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଭଳି ସଙ୍କଟ ସମୟରେ ସପ୍ତଗିରି ପରିବାର ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ସହାୟତା ଯୋଗାଇ ଦିଆଯାଉଛି। ସପ୍ତଗିରି ରିଅଲ୍ ଇଷ୍ଟେଟ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସମାଜସେବୀ ଲୋହିତ କୁମାର ମଙ୍ଗରାଜ (ଟୁଲୁ) ଓ ତାଙ୍କ ସହଯୋଗୀମାନେ ପ୍ରତିଦିନ ୧୦୦୦ରୁ ଊର୍ଦ୍ଧ୍ୱ ଅସହାୟ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରୁଛନ୍ତି। ବିଶେଷକରି ସୋରଡ଼ା, ଆସିକା ଓ ଶେରଗଡ଼ ଅଞ୍ଚଳର ବିପନ୍ନଙ୍କ ନିକଟରେ ନିୟମିତ ରିଲିଫ୍ ସାମଗ୍ରୀ ପହଞ୍ଚାଯାଉଛି।ବନ୍ୟା ପରିସ୍ଥିତିରେ ସୁଧାର ଆସିବା ଓ ବିପନ୍ନ ପରିବାରଙ୍କ ଜୀବନ ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସହାୟତା କାର୍ଯ୍ୟ ଜାରି ରହିବ ବୋଲି ଲୋହିତ ମଙ୍ଗରାଜ କହିଛନ୍ତି। ଏହି ରିଲିଫ୍ ବଣ୍ଟନ ସମୟରେ ସପ୍ତଗିରି ପରିବାରର ମୁଖ୍ୟ ପରିଚାଳକ ଲୋହିତ କୁମାର ମଙ୍ଗରାଜଙ୍କ ସମେତ ସୁନୀଲ କୁମାର ପାଣିଗ୍ରାହୀ, ମୁନା ପାଣିଗ୍ରାହୀ, ରଞ୍ଜନ କୁମାର ସୁବୁଦ୍ଧି, ସଞ୍ଜୀବ କୁମାର ଦାସ, ଶ୍ରବଣ କୁମାର ସବୁ, ଦଣ୍ଡପାଣି ନାୟକ, ଚନ୍ଦନ ମହାନ୍ତି, ରାମା ରାଓ ଓ ସଞ୍ଜୟ କୁମାର ସାବତଙ୍କ ସମେତ ପରିବାରର ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

ଆବାସିକ ଘରେ ବେଆଇନ ବାଣ ଗଚ୍ଛିତ, ୧୨୬୨ ପ୍ୟାକେଟ୍ ଜବତ

୩୮ କାର୍ଟୁନ୍ ବାଣ ଜବତ, ଜଣଙ୍କ ନାମରେ ମାମଲା ରୁଜୁ



କଟକ,୦୪/୧୧,(ନାରଦ ବାର୍ତ୍ତା): ଦୀପାବଳି ପୂର୍ବରୁ କଟକ ସହରରେ ବେଆଇନ ଭାବେ ବାଣ ଗଚ୍ଛିତ ରଖିବା ଘଟଣା ସାମ୍ନାକୁ ଆସିଛି। ବିଡ଼ାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଦେଉଳସାହିର ଏକ ଆବାସିକ ଘରେ ଚଢ଼ାଉ କରି କମିଶନରେଟ୍ ପୋଲିସ ୧୨୬୨ ପ୍ୟାକେଟ୍ ବାଣ ସମେତ ବିପୁଳ ପରିମାଣର ବାଣ ଜବତ କରିଛି। ଏହି ଘଟଣାରେ ଦେଉଳସାହିର ଚିନ୍ମୟ କୁମାର ସ୍ୱାଇଁ (୩୫)ଙ୍କ ନାମରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଘରୁ ୩୮ଟି କାର୍ଟୁନ୍‌ରେ ରଖାଯାଇଥିବା ବିଭିନ୍ନ ପ୍ରକାରର ବାଣ ସହ ୬୦ଟି କାଠି ଥିବା ତିନି ବଣ୍ଡଲ ଫୁଲଝରି ଓ ବାରୁଦ ସଦୃଶ କିଛି ପଦାର୍ଥ ଜବତ ହୋଇଛି। ଜବତ ବାଣ ମଧ୍ୟରେ ଚକ୍ରି, ଫାଉଣ୍ଟେନ୍, ବିଜୁଳି, ରକେଟ୍, ଫୁଲଝରି, ହେଲିକପ୍ଟର ବାଣ ଓ ସୁତୁଲି ବୋମା ରହିଛି।ବିନା ବୈଧ ଲାଇସେନ୍ସ କିମ୍ବା ସରକାରୀ ଅନୁମତିରେ ଜନବସତିପୂର୍ଣ୍ଣ ଅଞ୍ଚଳର ଏକ ଘରେ ଏତେ ପରିମାଣର ବାଣ ଗଚ୍ଛିତ ରଖାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ଜୀବନ ଓ ସମ୍ପତ୍ତି ପ୍ରତି ବିପଦ ଆଶଙ୍କା ରହିଥିଲା। ବିଶ୍ୱସନୀୟ ସୂଚନା ଆଧାରରେ ପୋଲିସ ଚଢ଼ାଉ କରି ଏହି ବାଣ ଜବତ କରିଥିଲା।ଏନେଇ ବିଡ଼ାନାସୀ ଥାନାରେ କେସ୍ ନଂ ୩୭୭, ତା.୦୩.୧୧.୨୦୨୬ରେ ବିଏନ୍ଏସ୍‌ର ଧାରା ୨୮୮ ଓ ବିସ୍ଫୋରକ ଆଇନର ଧାରା ୯-ବି ସମେତ ଅନ୍ୟାନ୍ୟ ଧାରାରେ ମାମଲା ରୁଜୁ କରାଯାଇଛି।

ବନ୍ୟାରେ ନିଖୋଜ ଦୁଇଜଣଙ୍କ ମୃତ୍ୟୁ ସ୍ପଷ୍ଟ , ଉଦ୍ଧାର ହେଲା ମୃତଦେହ

କ୍ଷତିପୂରଣ ଦାବି କଲେ କଂଗ୍ରେସ ନେତା ରବିନ୍ଦ୍ର ଦ୍ୟାନ ସାମନ୍ତରା





ପାତ୍ରପୁର, ୪/୧୧: ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସୃଷ୍ଟି ହୋଇଥିବା ପ୍ରବଳ ବର୍ଷା ଓ ବନ୍ୟାରେ ନିଖୋଜ ଥିବା ଦୁଇଜଣ ବ୍ୟକ୍ତିଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ମୃତକ ଦୁଇଜଣ ହେଲେ ଜରଡ଼ା ଥାନା ଅନ୍ତର୍ଗତ ଶବରଦାଇପେଟା ଗ୍ରାମର ପି. କୁରେଶୁ (୪୫) ଏବଂ ବରଙ୍ଗ ଗ୍ରାମର ଏ. ନିମ୍ମାୟା (୫୧)। ଦୀର୍ଘଦିନ ଧରି ନିଖୋଜ ଥିବା ଦୁଇ ବ୍ୟକ୍ତିଙ୍କ ମୃତଦେହ ମିଳିବା ପରେ ଉଭୟ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଚିକିଟି ଓ ପାତ୍ରପୁର ବ୍ଲକର ସୀମାନ୍ତ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଉପୁଜିଥିଲା। ଅନେକ ଗ୍ରାମ ଜଳବନ୍ଦୀ ହେବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହି ସମୟରେ ଉଭୟ ବ୍ୟକ୍ତି ନିଖୋଜ ହୋଇଯାଇଥିଲେ। ଶବରଦାଇପେଟା ଗ୍ରାମର ପି. କୁରେଶୁ ନିଖୋଜ ହେବା ପରେ ପରିବାର ଲୋକେ ସେ ଶ୍ୱଶୁର ଘରକୁ ଯାଇଥିବା ସନ୍ଦେହ କରିଥିଲେ। ମାତ୍ର ସେଠାରେ ମଧ୍ୟ ପହଞ୍ଚି ନଥିବା ଜଣାପଡ଼ିବା ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚାଲିଥିଲା। ଶେଷରେ ବୁଧବାର ଆନ୍ଧ୍ରପ୍ରଦେଶର ଧରମପୁର ଗ୍ରାମ ନିକଟରୁ ତାଙ୍କ ମୃତଦେହ ମିଳିଥିଲା। ଆନ୍ଧ୍ର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଚିହ୍ନଟ ପରେ ବ୍ୟବଚ୍ଛେଦ କରାଇଥିଲା। ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଗ୍ରାମ ମଶାଣିକୁ ରାସ୍ତା ନଥିବାରୁ ଗ୍ରାମଠାରୁ ପ୍ରାୟ ଏକ କିଲୋମିଟର ଦୂର ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଆନ୍ଧ୍ର ନିର୍ମିତ ଯାତ୍ରୀ ବିଶ୍ରାମଗାର ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।ସେହିପରି ବରଙ୍ଗ ଗ୍ରାମର ଏ. ନିମ୍ମାୟା ମଧ୍ୟ ବାତ୍ୟା ପରଠାରୁ ନିଖୋଜ ଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ବୁଧବାର ଅପରାହ୍ନରେ ଗ୍ରାମ ନିକଟସ୍ଥ ଏକ ଚାଷଜମିରୁ ତାଙ୍କ ମୃତଦେହ ମିଳିଥିଲା। ଖବର ପାଇ ଜରଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ବନ୍ୟାରେ ଦୁଇଜଣଙ୍କ ମୃତ୍ୟୁ ଘଟଣାକୁ ଗୁରୁତ୍ୱ ଦେଇ ଚିକିଟିର କଂଗ୍ରେସ ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଦ୍ୟାନ ସାମନ୍ତରା ସରକାରଙ୍କ ନିକଟରେ ମୃତକଙ୍କ ପରିବାରକୁ ଉପଯୁକ୍ତ ବାତ୍ୟା ଓ ବନ୍ୟାଜନିତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ବନ୍ୟାରେ ପ୍ରାଣ ହରାଇଥିବା ଏହି ଦୁଇ ପରିବାର ଏବେ ଗଭୀର ଦୁଃଖରେ ଥିବାରୁ ପ୍ରଶାସନ ତୁରନ୍ତ ସହାୟତାର ହାତ ବଢ଼ାଇବା ସହ କ୍ଷୟକ୍ଷତିର ଆକଳନ କରି ନିୟମାନୁଯାୟୀ କ୍ଷତିପୂରଣ ଦେବାକୁ ସେ ଦାବି ଜଣାଇଛନ୍ତି।

ଡଙ୍କାରୀ ଜଙ୍ଗଲରେ ଦୁଇ ଦନ୍ତାଙ୍କ ପ୍ରବେଶ, ଆତଙ୍କରେ ଗ୍ରାମବାସୀ

ଗଡ଼ମଧୁପୁର, ୦୪/୧୧ (ନାରଦ ବାର୍ତ୍ତା): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ କଟକ ବନଖଣ୍ଡର ବୈରୀ-ଡାଳିଯୋଡ଼ା ବନାଞ୍ଚଳ ଗଡ଼ମଧୁପୁର ଫରେଷ୍ଟ ସେକ୍ସନର ଡଙ୍କାରୀ ଜଙ୍ଗଲରେ ଦୁଇ ଦନ୍ତା ହାତୀଙ୍କ ପ୍ରବେଶକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି ସ୍ଥାନୀୟ ଗ୍ରାମବାସୀ। ଗତ ମଙ୍ଗଳବାର ଜଙ୍ଗଲରେ ହାତୀ ଦୁଇଟିଙ୍କୁ ଦେଖିବା ପରେ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇ ଡାଳିଯୋଡ଼ା ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନିର୍ଦ୍ଦେଶକ୍ରମେ ଗଡ଼ମଧୁପୁର ଫରେଷ୍ଟର ବିକାଶ ରଞ୍ଜନ ସିଂଙ୍କ ନେତୃତ୍ୱରେ ବନ କର୍ମଚାରୀଙ୍କ ଏକ ସ୍କ୍ୱାର୍ଡ ହାତୀଙ୍କ ଗତିବିଧି ଉପରେ ନଜର ରଖିଛି। ଡ୍ରୋନ୍ କ୍ୟାମେରା ସହାୟତାରେ ହାତୀଙ୍କ ଗତିପଥ ଉପରେ ନିରୀକ୍ଷଣ କରାଯାଉଛି।ଢେଙ୍କାନାଳ ଜଙ୍ଗଲରୁ ହାତୀ ଦୁଇଟି ଡଙ୍କାରୀ ଜଙ୍ଗଲକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ହାତୀଙ୍କ ଉପସ୍ଥିତିକୁ ନେଇ ଲୋକେ ଭୟଭୀତ ଥିବାବେଳେ ଡୁବୁରୀ ଓ ଚଣ୍ଡିଖୋଲ ବନ ବିଭାଗ କର୍ମଚାରୀ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ରହିଥିବା ଜଣାପଡ଼ିଛି।

ବାତ୍ୟା 'ଅର୍ଣ୍ଣବ'ର କ୍ଷୟକ୍ଷତି ଆକଳନ କଲା କେନ୍ଦ୍ରୀୟ ଟିମ୍



ଛତ୍ରପୁର,୦୪/୧୧, (ନାରଦ ବାର୍ତ୍ତା-ମନୋଜ କୁମାର ପାତ୍ର) : ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଥିପାଇଁ ଏକ ଆଠଜଣିଆ ଅନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରିଛି। କେନ୍ଦ୍ରଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ବିସ୍ତୃତ ଆକଳନ କରିଛନ୍ତି। କେନ୍ଦ୍ରୀୟ ଟିମ୍ ପୁରୁଷୋତ୍ତମପୁର ବ୍ଲକ୍‌ର ଆଚୁଲି, ହାଣ୍ଡିଘର ଓ ହିରାଧରବାଟି ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେହିପରି ହିଞ୍ଜିଳି ବ୍ଲକ୍‌ର ଘୋଡ଼ାହାଡ଼ ପୋଲ ଓ ଜୟମଙ୍ଗଳ ଜଳସେଚ ସଚନ ପ୍ରକଳ୍ପର କ୍ଷୟକ୍ଷତି ଅନୁଧାନ କରିଥିଲେ। ଆସିକାର ଲକ୍ଷ୍ମୀ ବଜାର, ନବରତ୍ନପୁର ଓ ଉପଖଣ୍ଡ ଚିକିତ୍ସାଳୟ ସମେତ ଧରାକୋଟ ବ୍ଲକ୍‌ର ଜାହାଡ଼ା ଗ୍ରାମ ଓ ଜାନିବିଲି ଆନିକଟ ମଧ୍ୟ ପରିଦର୍ଶନ କରିଥିଲେ।ଅନୁଧ୍ୟାନ ସମୟରେ ଚାଷଜମିରେ ବାଲିଚର ମାଡ଼ିଯିବା, ନଦୀବନ୍ଧ ଓ ଜଳସେଚନ ପ୍ରକଳ୍ପର କ୍ଷତି, ଗ୍ରାମ୍ୟ ରାସ୍ତା, ବିଦ୍ୟୁତ୍ ଭିତ୍ତିଭୂମି, ବାସଗୃହ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତଭୂମିର କ୍ଷୟକ୍ଷତି ସମ୍ପର୍କରେ ଟିମ୍ ସବିଶେଷ ତଥ୍ୟ ସଂଗ୍ରହ କରିଥିଲା। ଏଥିସହ ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଚାଷଜମିକୁ ଯାଇ ଫସଲ ନଷ୍ଟର ପରିମାଣ ଅନୁଧ୍ୟାନ କରିବା ସହ ଆବଶ୍ୟକ ନମୁନା ମଧ୍ୟ ସଂଗ୍ରହ କରିଥିଲେ। ଏହା ପୂର୍ବରୁ ସକାଳେ ଗୋପାଳପୁର ସର୍କିଟ୍ ହାଉସ୍‌ରେ ଜିଲ୍ଲା ପ୍ରଶାସନ ସହ କେନ୍ଦ୍ରୀୟ ପ୍ରତିନିଧି ଦଳର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତି ବିଜୟ ଅମୃତ କୁଲାଙ୍ଗେ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଜିଲ୍ଲାର ବିଭିନ୍ନ ବିଭାଗର କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ। ବିଭାଗୱାରୀ କ୍ଷତିର ବିବରଣୀ ଓ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ଉପସ୍ଥାପନ କରାଯାଇଥିଲା। ପ୍ରାଥମିକ ଆକଳନ ଅନୁଯାୟୀ, ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପ୍ରାୟ ୫୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଏହି ଗସ୍ତ ସମୟରେ ରାଜସ୍ୱ ଆୟୁକ୍ତି ଓ ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ଜନପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାରମାନେ ଉପସ୍ଥିତ ରହି କେନ୍ଦ୍ରୀୟ ଟିମ୍‌କୁ ଆବଶ୍ୟକ ସହଯୋଗ କରିଥିଲେ।

ବନ୍ୟା କ୍ଷତିଗ୍ରସ୍ତ ଗୋବରା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ମନ୍ତ୍ରୀ

୨୩ କୋଟିର ନୂଆଁ ହସ୍ପିଟାଲ୍ ପାଇଁ ଜମି ଚିହ୍ନଟ ନିର୍ଦ୍ଦେଶ



ବେଲଗୁଣ୍ଠା,୦୩/୧୧,(ନାରଦ ବାର୍ତ୍ତା): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଆସିଥିବା ବନ୍ୟାଜଳରେ ବେଲଗୁଣ୍ଠା ବ୍ଲକ୍‌ର ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। କାଳିଆମ୍ବା ନାଳର ବନ୍ୟାଜଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୪ରୁ ୫ ଫୁଟ୍ ଉଚ୍ଚତାରେ ଜମିବା ଯୋଗୁଁ ଯନ୍ତ୍ରପାତି ଓ ଆସବାବପତ୍ର ବୁଡ଼ି ରହିଥିଲା। ରୋଗୀଙ୍କ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ପ୍ରଥମେ ଗାଙ୍ଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କ୍ଷୟକ୍ଷତି ସମୀକ୍ଷା କରିଥିଲେ। ପରେ ଗୋବରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ଉଚ୍ଚସ୍ତରୀୟ ବୈଠକ କରିଥିଲେ।ପ୍ରତିବର୍ଷ ବନ୍ୟାଜଳ ମେଡିକାଲ ପରିସରକୁ ପ୍ରବେଶ କରି କ୍ଷତି ଘଟାଉଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୨୩ କୋଟି ଟଙ୍କା ବ୍ୟୟରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ତହସିଲଦାରଙ୍କୁ କହିଥିଲେ। ଏଥିସହ ବର୍ତ୍ତମାନର ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପାଇଁ ତୁରନ୍ତ ପାଚେରୀ ନିର୍ମାଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।ବେଲଗୁଣ୍ଠା ବ୍ଲକ୍‌ର ବିଶେଷକରି ଗୋବରା ଓ ଇଙ୍ଗିନାଠି ପଞ୍ଚାୟତର ବନ୍ୟା କ୍ଷୟକ୍ଷତିର ପ୍ରଶାସନିକ ତଦନ୍ତ କରି କ୍ଷତିଗ୍ରସ୍ତଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।ଏହି ଗସ୍ତରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭବାନୀ ଶଙ୍କର ମିଶ୍ର, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ତହସିଲଦାର କଳାକୃଷ୍ଣ ପ୍ରଧାନ, ବିଡିଓ ସିଙ୍ଗାପୁରମ ହରି, ଡାକ୍ତର ସବିତା ବେହେରା, ଡାକ୍ତର ସ୍ମୃତିରେଣୁ ଗୌଡ଼ଙ୍କ ସମେତ ଗାଙ୍ଗପୁର ପୋଲିସ ଉପସ୍ଥିତ ଥିଲେ।

ବନ୍ୟାରେ ନିଖୋଜ ବ୍ୟକ୍ତିଙ୍କ ପରିବାରକୁ ଭେଟିଲା ହିଞ୍ଜିଳି ବିଜେଡି ଟିମ୍

ଆର୍ଥିକ ସହାୟତା ସହ ପ୍ରଶାସନିକ ସହଯୋଗର ପ୍ରତିଶ୍ରୁତି



ହିଞ୍ଜିଳିକା,୦୪/୧୧,(ନାରଦ ବାର୍ତ୍ତା): ବନ୍ୟାଜଳରେ ଭାସି ନିଖୋଜ ହୋଇଥିବା ପୋଡ଼ିଙ୍ଗି ଗ୍ରାମର ଡା. ନାହାକଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ ସହ ଦୁଃଖସୁଖ ବୁଝିଛି ହିଞ୍ଜିଳି ବିଜେଡିର ଏକ ପ୍ରତିନିଧି ଦଳ। ହିଞ୍ଜିଳି ବିଧାୟକଙ୍କ ନିର୍ଦ୍ଦେଶରେ ଦଳୀୟ ନେତା ଓ କର୍ମୀମାନେ ପରିବାରକୁ ଭେଟି ପ୍ରଶାସନିକ ସହଯୋଗର ଆଶ୍ୱାସନା ଦେଇଥିଲେ।ଗତ ଅକ୍ଟୋବର ୨୯ରେ ବନ୍ୟାଜଳରେ ଭାସିଯାଇ ଡା. ନାହାକ ନିଖୋଜ ହୋଇଥିଲେ। ଦୀର୍ଘଦିନ ଧରି ଭାସିଯାଇ ନିଖୋଜ ହୋଇଥିବା ତଥ୍ୟ ନଥିବା ଜଣାପଡ଼ିଥିଲା। ଏନେଇ ବିଜେଡି ପ୍ରତିନିଧି ଦଳ ଥାନା ଅଧିକାରୀଙ୍କ ସହ ଆଲୋଚନା କରି ଏତଲାରେ ଆବଶ୍ୟକ ସଂଶୋଧନ ପାଇଁ ପରିବାରକୁ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟି ସରକାରୀ ଯୋଜନା ଅନୁଯାୟୀ ପରିବାରକୁ ସହାୟତା ଯୋଗାଇଦେବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ।ଅନ୍ୟପକ୍ଷରେ, ଏଭଳି ଦୁର୍ଦ୍ଦିନରେ ଶାସକ ଦଳର କୌଣସି ନେତା କିମ୍ବା କର୍ମୀ ପରିବାରକୁ ଭେଟି ନଥିବା ନେଇ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଗସ୍ତରେ ଜିଲ୍ଲା ପରିଷଦ ସଭ୍ୟ ଦେବାନନ୍ଦ ମହାପାତ୍ର, ବ୍ଲକ୍ ପ୍ରତିନିଧି ଏ. ସୁଦର୍ଶନ, ପୌରପରିଷଦ ପ୍ରତିନିଧି ପ୍ୟାରୀମୋହନ ପାଢ଼ୀ, ବ୍ଲକ୍ ବିଜେଡି ସଭାପତି ଦୁର୍ଗାମାଧବ ମହାନ୍ତି, ସୁଭାଷ ପୋଲେଇ, ଶିବାନୀ ପାତ୍ରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ତୁଳୁରେ ୟୁନିଅନ୍ ବ୍ୟାଙ୍କର ଆର୍ଥିକ ସଚେତନତା ଶିବିର

ଗ୍ରାମାଞ୍ଚଳରେ ଆର୍ଥିକ ସଚେତନତା ବୃଦ୍ଧିକୁ ଗୁରୁତ୍ୱ



ବ୍ରହ୍ମପୁର, ୦୪/୧୧ (ନାରଦ ବାର୍ତ୍ତା, ମନୋଜ କୁମାର ପାତ୍ର): ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସେବାର ପ୍ରସାର ଓ ସରକାରୀ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ତୁଳୁସ୍ଥିତ ଇନ୍ଦ୍ରାଖି ଗ୍ରାମ ପଞ୍ଚାୟତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ପୂର୍ଣ୍ଣତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୫୦୦ ଜଣ ହିତାଧିକାରୀ ଯୋଗଦେଇଥିଲେ। ଭାରତ ସରକାରଙ୍କ ପକ୍ଷରୁ ଅକ୍ଟୋବର ୨୧ରୁ ଆରମ୍ଭ ହୋଇଥିବା ଦେଶବ୍ୟାପୀ ଅଭିଯାନର ଅଂଶସ୍ୱରୂପ ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ସମେତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ଉପକାରିତା, ଯୋଗ୍ୟତା ଓ ନାମାଙ୍କନ ପ୍ରକ୍ରିୟା ସମ୍ପର୍କରେ ହିତାଧିକାରୀଙ୍କୁ ବୁଝାଯାଇ ଥିଲା।କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏଫ୍‌ଆଇଡିଡି ମହାପ୍ରବନ୍ଧକ ଶୁଭ୍ରାଂଶୁ କୁମାର ରାଉତ, ୟୁନିଅନ୍ ବ୍ୟାଙ୍କର ଭୁବନେଶ୍ୱର ଏଫ୍‌ଜିଏମ୍‌ଓ ମହାପ୍ରବନ୍ଧକ ସଞ୍ଜୀବ ରଞ୍ଜନ ସହାୟ, ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ଏଲ୍. ସଙ୍ଗୀତା କୁଜୁର, ଆର୍‌ବିଆଇର ଏଲ୍‌ଡିଓ ରିତେଶ କୁମାର ପାତ୍ର, ନାବାର୍ଡର ଡିଡିଏମ୍ ସଞ୍ଜୀବ ମିଶ୍ର, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ହିମାଂଶୁ ସାହୁ, ତୁଳୁ ଶାଖା ପରିଚାଳକ କେ. ସୁଧାକର ରାଓ, ବିଡିଓ ବିଶ୍ୱଜିତ ରାୟ ଓ ସରପଞ୍ଚ ଉପସ୍ଥିତ ଥିଲେ।ଏହି ଅବସରରେ ସନ୍ଧ୍ୟାରେ ମହାପ୍ରବନ୍ଧକ ସଞ୍ଜୀବ ରଞ୍ଜନ ସହାୟ ସଚେତନତା ଷ୍ଟଲ୍ ଉଦ୍‌ଘାଟନ କରିଥିଲେ। ଅଭିଯାନ ଅବଧିରେ ଏହି ଷ୍ଟଲ୍ କାର୍ଯ୍ୟକ୍ଷମ ରହିବା ସହ ସାଧାରଣ ଲୋକଙ୍କୁ ବ୍ୟାଙ୍କିଂ ସେବା ଓ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଓ ସହାୟତା ଯୋଗାଇଦେବ।

ଅଜଣା କାର୍ ଧକ୍କାରେ ଯୁବକ ଗୁରୁତର

ଆହତଙ୍କୁ ଉଦ୍ଧାର କରି ମାନବିକତା ଦେଖାଇଲେ ଗଣମାଧ୍ୟମ ପ୍ରତିନିଧି



ପାପଡ଼ାହାଣ୍ଡି,୦୪/୧୧/୨୬,(ନାରଦ ବାର୍ତ୍ତା): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ସଦର ନିକଟରେ ଏକ ଅଜଣା କାର୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ କାର୍‌ଟି ଫେରାର ହୋଇଯାଇଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ଜଟାବାଲ ପଞ୍ଚାୟତ ଅନ୍ତର୍ଗତ ଖୁଟିଗୁଡ଼ା ଗ୍ରାମର ଗୁରୁ ଭତରାଙ୍କ ପୁଅ ଗୋବର ଭତରା (୨୫) ଏକ କାମରେ ଜଟାବାଲ ଆସିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ରେ ନିଜ ବାଇକ୍‌ରେ ଡାବୁଗାଁ ଅଭିମୁଖେ ଫେରୁଥିବାବେଳେ ଉମରକୋଟ ପଟୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଧକ୍କାରେ ଗୋବର ବାଇକ୍‌ରୁ ଛିଟିକି ରାସ୍ତା ମଝିରେ ପଡ଼ି ଗୁରୁତର ଆହତ ହୋଇଥିଲେ।ଘଟଣା ସମ୍ପର୍କରେ ଖବର ପାଇ 'ନିର୍ଭୟ ସୂଚନା' ଦୈନିକ ଖବରକାଗଜର ସ୍ୱତନ୍ତ୍ର ପ୍ରତିନିଧି ଦେବୀ କୁଳଦୀପ ଗୃହରକ୍ଷୀ ସୌକତ ଅଲ୍ଲୀ, ଶେଖ ଆକବର ହୁସେନ ଓ ଅବଦୁଲ ସାମିମିଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଆହତ ଯୁବକଙ୍କୁ ରାସ୍ତାରୁ ଉଦ୍ଧାର କରି ପାର୍ଶ୍ୱକୁ ନେବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ସଦସ୍ୟ ପହଞ୍ଚି ଗୋବରଙ୍କୁ ଡାକ୍ତରଖାନାକୁ ନେଇଥିଲେ।ଆହତଙ୍କୁ ତୁରନ୍ତ ଉଦ୍ଧାର କରିବା ସହ ପରିବାରକୁ ସୂଚନା ଦେଇଥିବା ଦେବୀ କୁଳଦୀପ ଓ ତାଙ୍କ ସହଯୋଗୀଙ୍କ ମାନବିକତାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

କୁଖ୍ୟାତ ପ୍ରଫେସନାଲ୍ ଲୁଟେରା ଗିରଫ ଲୁଟ୍ ସୁନା ମଙ୍ଗଳ ସୂତ୍ର ଜବତ



ବଲାଙ୍ଗୀର,୦୪।୧୧,(ନାରଦ ବାର୍ତ୍ତା): ବଲାଙ୍ଗୀର ସହରରେ ବଢ଼ିବାରେ ଲାଗିଥିବା ଅପରାଧ ଉପରେ ଅଙ୍କୁଶ ଲଗାଇବାରେ ଟାଉନ୍ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ମାତ୍ର ୪ ଦିନ ଭିତରେ ଜଣେ କୁଖ୍ୟାତ ପ୍ରଫେସନାଲ୍ ଚେନ୍ ଲୁଟେରାକୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି।ଗତ ନଭେମ୍ବର ୧ ତାରିଖ ଅର୍ଥାତ୍ ବଲାଙ୍ଗୀର ଦିନ୍ ରାତିରେ ତାଲପାଲିପଡ଼ାର ରବି ସତପଥୀ ନିଜ ପତ୍ନୀଙ୍କ ସହ ସ୍କୁଟିରେ ଯାଉଥିବା ସମୟରେ ଜଣେ ଦୁର୍ବୃତ୍ତ ସେମାନଙ୍କର ପିଛା କରିଥିଲା। ଟିଭିଏସ୍ ଶୋରୁମ୍ ଝୁମ୍ପୁଡ଼ିପଡ଼ା ସମ୍ମୁଖରେ ସେମାନଙ୍କୁ ଅତର୍କିତ ଆକ୍ରମଣ କରି ଶ୍ରୀ ସତପଥୀଙ୍କ ସ୍ତ୍ରୀଙ୍କ ବେକରୁ ଏକ ସୁନା ଚେନ୍ (ମଙ୍ଗଳସୂତ୍ର) ଟାଣି ନେଇ ଦୁର୍ବୃତ୍ତ ଜଣକ ଫେରାର୍ ହୋଇଯାଇଥିଲା। ଏନେଇ ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଏକ ତଦନ୍ତ ଆରମ୍ଭ କରାଯାଇଥିଲା। ଟାଉନ୍ ପୋଲିସ ଆଇଆଇସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ସିସିଟିଭି ଫୁଟେଜ୍ ଏବଂ ବୈଷୟିକ ପ୍ରମାଣକୁ ଆଧାର କରି ତଦନ୍ତ ଜୋରଦାର କରାଯାଇଥିଲା। ମାତ୍ର ୯୬ ଘଣ୍ଟା ତଥା ୪ ଦିନ ଭିତରେ ପୋଲିସ ସୋନପୁର ଅଞ୍ଚଳରୁ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଛି। ଧରାପଡ଼ିଥିବା ଅଭିଯୁକ୍ତ ଜଣକ ହେଲା ସୋନପୁର ଝୁମ୍ପୁଡ଼ିପଡ଼ାର ରାଜା ଅର୍ଥାତ୍ ବିଶ୍ୱଜିତ୍ ନନ୍ଦ। ପୋଲିସ ଲୁଟେରା ପାଖରୁ ଲୁଟ୍ ହୋଇଥିବା ସୁନାର ମଙ୍ଗଳସୂତ୍ର, ଘଟଣାରେ ବ୍ୟବହୃତ ସ୍ପ୍ଲିଣ୍ଡର ବାଇକ୍ ଏବଂ ନଗଦ ୬୦୦ ଟଙ୍କା ଜବତ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଉକ୍ତ ଲୁଟେରା ନାଁରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ଟାଉନ୍ ଥାନାରେ ଏନେଇ ଏକ ସଂଗଠିତ ଅପରାଧ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବେଳେ ତାର ଅନ୍ୟ ସହଯୋଗୀ ମାନଙ୍କୁ ମଧ୍ୟ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ତାଲା ବନ୍ଦ ଘରୁ ୪୦ ତୁଲା ସୁନା, ୨୫୦ ଗ୍ରାମ ରୁପା,

୧୦ ହଜାର ଟଙ୍କା ଲୁଟିଲେ ଦୁର୍ବୃତ୍ତ

ବ୍ରହ୍ମପୁର,୦୪/୧୧,(ନାରଦ ବାର୍ତ୍ତା - ମନୋଜ କୁମାର ପାତ୍ର): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ବୀମା ନଗର ପ୍ରଥମ ଲାଇନରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ତାଲା ଭାଙ୍ଗି ୪୦ ତୁଲା ସୁନା ଓ ୨୫୦ ଗ୍ରାମ ରୁପା ଓ ୧୦ ହଜାର ଟଙ୍କା ଦୁର୍ବୃତ୍ତ ମାନେ ଲୁଟି ନେଇଛନ୍ତି । ସୂଚନା ପ୍ରକାରେ ଆମ୍ବପୁଆ ବୀମା ନଗର ପ୍ରଥମ ଲାଇନରେ ରହୁଥିବା ପ୍ରଦୀପ କୁମାର ସାହୁ ତାଙ୍କ ବଡ଼ ବାପାଙ୍କ ପ୍ରଥମ ଶ୍ରାଦ୍ଧ ପାଇଁ ୨ ତାରିଖ ଦିନ ସପରିବାର ସହ ଘର ତାଲା ପକାଇ ବଡ଼ପୁଟି ଯାଇଥିଲେ । ଆଜି ସକାଳ ପ୍ରାୟ ୧୦ ଟା ସମୟରେ ସପରିବାର ସହ ଘରକୁ ଫେରିଥିଲେ । ଆସି ଦେଖିବା ବେଳକୁ ମୁଖ୍ୟ ଫାଟକ ତାଲା ଭଙ୍ଗା ଯାଇଥିବା ବେଳେ ଘର କବାଟ ଖୋଲା ରହିଥିବା ଦେଖିଥିଲେ । ଭିତରକୁ ଯାଇ ଦେଖିବା ବେଳକୁ ଆଲମାରୀ ଖୋଲା ମେଲା ରଖିଥିବା ବେଳେ ସେଥିରେ ୪୦ ତୁଲା ସୁନା ଓ ୨୫୦ ଗ୍ରାମ ରୁପା ଓ ୧୦ ହଜାର ଟଙ୍କା ଦୁର୍ବୃତ୍ତ ମାନେ ଚୋରୀ କରିଥିବା ଜାଣିପାରି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୬୫୧/୨୬ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଂଚିଥିଲା । ପରେ ସାଇଟଫିକ ଟିମ ଓ ସନ୍ଧାନୀ କୁକୁର ପହଂଚି ତଦନ୍ତ କରୁଥିବା ବେଳେ ଆଖ ପାଖ ଅଂଚଳରେ ଲାଗିଥିବା ସିସି ଫୁଟେଜ ଯାଞ୍ଚ କରୁଥିବା ପୁଲିସ କହିଛି ।

ଅର୍ଜୁନ ପଣ୍ଡାଙ୍କ ମୃତ୍ୟୁକୁ ନେଇ ସରକାରଙ୍କୁ ଘେରିଲା କଂଗ୍ରେସ; ଘୋଷିତ ସହାୟତା ଓ କ୍ଷତିପୂରଣ ତୁରନ୍ତ ପ୍ରଦାନ ପାଇଁ ଦାବି





ହିଞ୍ଜିଳିକାଟୁ, ୪/୧୧(ନାରଦ ବାର୍ତ୍ତା): ବନ୍ୟାରେ ଉଜୁଡ଼ିଛି ଚାଷଜମି, ଭାଙ୍ଗିପଡ଼ିଛି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ। ଫସଲ ହାନି ସାଙ୍ଗକୁ ଜୀବିକା ହରାଇ ଅନେକ ପରିବାର ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବନ୍ୟା ବିପତ୍ତିର ଏଭଳି ଦୁଃଖଦ ପରିସ୍ଥିତିରେ ବୁଧବାର ହିଞ୍ଜିଳି ଓ ଶେରଗଡ଼ ବ୍ଲକ୍‌ର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛି ଜିଲ୍ଲା କଂଗ୍ରେସ ଟିମ୍। ବିପନ୍ନଙ୍କୁ ଭେଟି ସେମାନଙ୍କ ଦୁଃଖଦୁର୍ଦ୍ଦଶା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ସରକାରୀ ସହାୟତା ପ୍ରଦାନରେ ବିଳମ୍ବକୁ ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି କଂଗ୍ରେସ ନେତା। ଏହି ଗସ୍ତ ସମୟରେ ଶେରଗଡ଼ ବ୍ଲକ୍ ଡେଙ୍ଗାପଦର ପଞ୍ଚାୟତ ଅନ୍ତର୍ଗତ ବାକିଲିକଣା ଗ୍ରାମରେ ବନ୍ୟାଜନିତ ଫସଲ କ୍ଷତି ପରେ ବିଷପାନ କରି ପ୍ରାଣ ହରାଇଥିବା ଚାଷୀ ଅର୍ଜୁନ ପଣ୍ଡାଙ୍କ ପରିବାରକୁ ଭେଟିଥିଲେ ଟିମ୍‌ର ସଦସ୍ୟମାନେ। ମୃତ ଚାଷୀଙ୍କ ପତ୍ନୀ ଓ ପରିବାରବର୍ଗଙ୍କ ସହ ଆଲୋଚନା କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସୂଚନାନୁସାରେ, ଚାଷୀ ଅର୍ଜୁନ ପ୍ରାୟ ସାତ ଭରଣ ଜମିରେ ଫୁଲକୋବି, ବନ୍ଧାକୋବି ଓ ମରିଚ ଆଦି ପନିପରିବା ଚାଷ କରିଥିଲେ। ମାତ୍ର ବନ୍ୟାଜଳରେ ସମସ୍ତ ଫସଲ ନଷ୍ଟ ହୋଇଯିବା ପରେ ସେ ବିଷପାନ କରିଥିବା ଅଭିଯୋଗ ହୋଇଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣାକୁ ନେଇ କଂଗ୍ରେସ ନେତାମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଚାଷୀଙ୍କ ଦୁର୍ଦ୍ଦଶା ପ୍ରତି ସରକାରଙ୍କ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠାଇଥିଲେ। ବନ୍ୟା କ୍ଷୟକ୍ଷତି ପରେ ସରକାର ଘୋଷଣା କରିଥିବା ସହାୟତା ରାଶି ଏଯାଏଁ କାହିଁକି ପ୍ରଭାବିତ ପରିବାରଙ୍କ ନିକଟରେ ପହଞ୍ଚିନାହିଁ, ସେ ନେଇ ଅସନ୍ତୋଷ ପ୍ରକାଶ କରିଥିଲା କଂଗ୍ରେସ ଟିମ୍। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଚିହ୍ନଟ କରିବା ସହ କ୍ଷୟକ୍ଷତିର ନିରପେକ୍ଷ ଆକଳନ, ଉଚିତ କ୍ଷତିପୂରଣ ଓ ଘୋଷିତ ସରକାରୀ ସହାୟତା ଅବିଳମ୍ବେ ପ୍ରଦାନ କରିବାକୁ ଦାବି ଜଣାଇଥିଲେ ନେତାମାନେ। ଏଥିସହ ଦୁର୍ଦ୍ଦିନରେ ଥିବା ଚାଷୀମାନଙ୍କୁ ଧୈର୍ଯ୍ୟ ନ ହରାଇବାକୁ ଆହ୍ୱାନ ଦେବା ସହ ସେମାନଙ୍କ ସହ କଂଗ୍ରେସ ରହିଥିବା ଆଶ୍ୱାସନା ଦେଇଥିଲେ। କେବଳ ବାକିଲିକଣା ନୁହେଁ, ହିଞ୍ଜିଳି ଓ ଶେରଗଡ଼ ଅଞ୍ଚଳର ଅନ୍ୟାନ୍ୟ ବନ୍ୟା ପ୍ରଭାବିତ ଗ୍ରାମ ମଧ୍ୟ ପରିଦର୍ଶନ କରିଥିଲେ କଂଗ୍ରେସ ନେତାମାନେ। ବନ୍ୟା ପରବର୍ତ୍ତୀ ସ୍ଥିତି, ଜଳମଗ୍ନ ଚାଷଜମିର କ୍ଷୟକ୍ଷତି ଓ ସାଧାରଣ ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିବା ସହ ବିପନ୍ନଙ୍କଠାରୁ ସିଧାସଳଖ ଅଭାବ ଅସୁବିଧା ଶୁଣିଥିଲେ। ବନ୍ୟାରେ ଘରଦ୍ୱାର, ଫସଲ ଓ ଜୀବିକା କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ପହଞ୍ଚାଇବା ଉପରେ ଟିମ୍ ଗୁରୁତ୍ୱାରୋପ କରିଥିଲା। ଏହି ପରିଦର୍ଶନରେ ରାଜ୍ୟ କୋ-ଅପରେଟିଭ୍ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ପଶ୍ଚିମ ଜିଲ୍ଲା ସଭାପତି ଦଣ୍ଡପାଣି ପାତ୍ର, ପଶ୍ଚିମ ଜିଲ୍ଲା ଉପସଭାପତି ସୁନାରାମ ସାବତ, ହିଞ୍ଜିଳିକାଟୁ ନଗର ସଭାପତି ଶିବରାମ ପଣ୍ଡା, ହିଞ୍ଜିଳିକାଟୁ ବ୍ଲକ୍ ସଭାପତି ଭଗବାନ ସାହୁ, ଶେରଗଡ଼ ବ୍ଲକ୍ ସଭାପତି ସୁଶାନ୍ତ ବିଶୋଇ, ବରିଷ୍ଠ କଂଗ୍ରେସ ନେତା ପଦ୍ମଚରଣ ସାହୁ ଓ ବ୍ରହ୍ମପୁର ଅର୍ବାନ ସଭାପତି ବୃନ୍ଦାବନ ଖଟେଇଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

୬୦ ଗାଁର ବାତ୍ୟା ବିପନ୍ନଙ୍କ ପାଖରେ ବିଜେଡି, ବଣ୍ଟାଗଲା ୭ ହଜାର ବ୍ରେଡ୍



ପାତ୍ରପୁର, ୪/୧୧, (ନାରଦ ବାର୍ତ୍ତା): ବାତ୍ୟା 'ଅର୍ଣ୍ଣବ' ଓ ବନ୍ୟାରେ କ୍ଷତିଗ୍ରସ୍ତ ପାତ୍ରପୁର ବ୍ଲକର ସୀମାନ୍ତ ଅଞ୍ଚଳବାସୀଙ୍କୁ ସହାୟତାର ହାତ ବଢ଼ାଇଛି ବିଜେଡି। ବୁରାତାଲ ଓ ତୁମ୍ବା ପଞ୍ଚାୟତର ପ୍ରାୟ ୬୦ଟି ଗ୍ରାମର ବିପନ୍ନ ପରିବାରଙ୍କୁ ଦଳ ପକ୍ଷରୁ ପ୍ରାୟ ୭ ହଜାର ବ୍ରେଡ୍ ବଣ୍ଟନ କରାଯାଇଛି।ବ୍ରହ୍ମପୁରର ପୂର୍ବତନ ବିଜେଡି ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ଚିକିଟିର ପୂର୍ବତନ ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବଙ୍କ ଆର୍ଥିକ ସହଯୋଗରେ ଏହି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।ବୁରାତାଲ ପଞ୍ଚାୟତର ବଡ଼ ଅଞ୍ଚାଙ୍ଗୁଲି, ସାନ ଅଞ୍ଚାଙ୍ଗୁଲି, ଉପର ବୁରାତାଲ, ବୁରାତାଲ, ମାରମାରିଆ, ଅଣ୍ଡାଅଣ୍ଡା, ସାପୁଆଘତ, ଲାଇଡା, ବାତ୍ରାସାହି, ବଡ଼ ଅଂଶୁପା, ଗୁଜୁଲିଙ୍ଗି, ପୁରିଆସାହି, କୁମ୍ଭାରଡିଅ, ରାୟଗଡ଼, ବାବନାସାହି, ତାବୁଡ଼ିଆ, ବୁରସାହି, ସିନ୍ଦୁରାବାଡ଼, ଭଗିବନ୍ଧ, ଭାଲିଆସାହି, ଗୌଡ଼ୁଣୀ ଓ ଶାସନ ସମେତ ତୁମ୍ବା ପଞ୍ଚାୟତର ତୁମ୍ବା, ହରିଜନସାହି ଆଦି ଗ୍ରାମରେ ବ୍ରେଡ୍ ବଣ୍ଟନ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ଯଶୋଦା ଶବର, ଚନ୍ଦ୍ରଶେଖର ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ତୁମ୍ବା ସମିତିସଭ୍ୟ ନାରାୟଣ ନାୟକ, ପୂର୍ବତନ ସମିତିସଭ୍ୟ ସନ୍ୟାସୀ ଶବର, ପୂର୍ବତନ ସରପଞ୍ଚ ଗୋବର୍ଦ୍ଧନ ନାୟକ, ସରପଞ୍ଚ ପ୍ରତିନିଧି ବାବୁଲା ଶବରଙ୍କ ସମେତ ଘନ ନାୟକ, ଲିମା ନାୟକ ଓ ଅମର ବଡ଼ମୁଣ୍ଡି ସହଯୋଗ କରିଥିଲେ। ଅନ୍ୟ କେତେକ ଗ୍ରାମରେ ଆସନ୍ତାକାଲି ମଧ୍ୟ ବ୍ରେଡ୍ ବଣ୍ଟନ ଜାରି ରହିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ଧର୍ମଶାଳାରେ ଡକାୟତି ଗ୍ୟାଙ୍ଗ୍ ଠାବ, ୮ ଗିରଫ
ଖେଳନା ପିସ୍ତଲ, ନକଲି ଗୁଳି, ରୂପା ଅଳଙ୍କାର ଓ ନଗଦ ଟଙ୍କା ଜବତ



ଧର୍ମଶାଳା, ୦୪/୧୧ (ନାରଦ ବାର୍ତ୍ତା): ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ପୁଲିସ ଏକ ଡକାୟତି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରି ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଥାନା କେସ୍ ନମ୍ବର ୪୧୧, ତାରିଖ ୧୦ ଅକ୍ଟୋବର ୨୦୨୬ର ତଦନ୍ତ କରି ପୁଲିସ ଏହି ସଫଳତା ପାଇଥିବା ଯାଜପୁର ଏସ୍‌ଡିପିଓ ଶରତ ପାତ୍ର ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବିହାରର ଧରମବୀର କୁମାର ଓରଫ ପାସୱାନ, ଭଦ୍ରକ ଜିଲ୍ଲାର କୁନା ଦାସ, ଭଜୁ ଦାସ, ଅଜୁ ଦାସ, ନାବା ଦାସ ଓ ରାମା ଓରଫ ପେଟୁ ଦାସ ଏବଂ ବାଲେଶ୍ୱର ଜିଲ୍ଲାର ରାମକାନ୍ତ ସାହୁଙ୍କ ସମେତ ଅନ୍ୟ ଜଣେ ରହିଛନ୍ତି।ପୁଲିସ ଧରମବୀରଙ୍କ ନିକଟରୁ ଗୋଟିଏ ୯ ଏମ୍‌ଏମ୍ ଖେଳନା ପିସ୍ତଲ, ୫ଟି ନକଲି ଗୁଳି, ପିସ୍ତଲ ପାଉଚ୍, ପ୍ରାୟ ୭୦ ଗ୍ରାମ ରୂପା ଅଳଙ୍କାର, ୮ ହଜାର ୫୦୦ ଟଙ୍କା ଓ ଗୋଟିଏ ପୋକୋ ସ୍ମାର୍ଟଫୋନ୍ ଜବତ କରିଛି। ସେହିପରି ରାମା ଓରଫ ପେଟୁ ଦାସଙ୍କ ନିକଟରୁ ଖେଳନା ରିଭଲଭର ଓ ୫ ହଜାର ଟଙ୍କା ଏବଂ ରାମକାନ୍ତ ସାହୁଙ୍କ ନିକଟରୁ ୧୦୦ ଗ୍ରାମ ରୂପା ଅଳଙ୍କାର, ଡିଜିଟାଲ ଓଜନ ମେସିନ୍ ଓ ରୂପା ତରଳାଇବା ପାତ୍ର ଜବତ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କଠାରୁ ୫ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି।ଏହି ଗ୍ୟାଙ୍ଗ୍ ଅନ୍ୟ କେଉଁ ଅଞ୍ଚଳରେ ଚୋରି ଓ ଲୁଟ୍ ଘଟଣାରେ ସମ୍ପୃକ୍ତ ଏବଂ ଏଥିରେ ଆଉ କେହି ସଦସ୍ୟ ଅଛନ୍ତି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ସଶସ୍ତ୍ର ବାହିନୀ ପକ୍ଷରୁ ମେଗା ବହୁବିଭାଗୀୟ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର
'ଅପରେସନ ଦୃଷ୍ଟି'ରେ ୩୦୦ ରୁ ଉର୍ଦ୍ଧ ରୋଗୀଙ୍କ ଚକ୍ଷୁ ଅସ୍ତ୍ରୋପଚାର





ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦୂରଦର୍ଶୀ ଚିନ୍ତାଧାରାର ପରିକଳ୍ପନା ସ୍ୱରୂପ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଭାରତୀୟ ସଶସ୍ତ୍ର ବାହିନୀର ଚିକିତ୍ସା ସେବା ବିଭାଗ, ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ସମନ୍ୱୟରେ ଆୟୋଜିତ ଦ୍ୱାଦଶ ସଂସ୍କରଣର ମେଗା ବହୁବିଭାଗୀୟ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ତଥା 'ଅପରେସନ ଦୃଷ୍ଟି'ର ଉଦଯାପନୀ ସମାରୋହ ତା. ୦୪-୧୧-୨୦୨୬ ରିଖ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି।ଅକ୍ଟୋବର ୩୧ ତାରିଖରୁ ନଭେମ୍ବର ୦୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଶିବିରରେ ଭାରତୀୟ ସଶସ୍ତ୍ର ବାହିନୀର ଅଭିଜ୍ଞ ତଥା ଉଚ୍ଚକୋଟୀର ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଦ୍ୱାରା ରୋଗୀମାନଙ୍କୁ ବିଭିନ୍ନ ବିଭାଗରେ ଉନ୍ନତମାନର ଚିକିତ୍ସା ଓ ପରାମର୍ଶ ନିଃଶୁଳ୍କ ଭାବେ ପ୍ରଦାନ କରାଯାଇଥିଲା।ଉକ୍ତ ମେଗା ସ୍ୱାସ୍ଥ୍ୟ ଶିବିର ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୦ ସେପ୍ଟେମ୍ବରରୁ ୫ ଅକ୍ଟୋବର ପର୍ଯ୍ୟନ୍ତ ବାମନଘାଟି ଉପଖଣ୍ଡସ୍ଥ ସମସ୍ତ ବ୍ଲକ ଓ ରାଇରଙ୍ଗପୁର ସହରାଞ୍ଚଳରେ ଶିବିର ଆୟୋଜନ କରାଯାଇ ରୋଗୀ ଚିହ୍ନଟ କରାଯାଇ ବିଭାଗୱାରୀ ତାଲିକଭୁକ୍ତ କରାଯାଇଥିଲା, ଦ୍ୱିତୀୟ ପର୍ଯ୍ୟାୟରେ ୬ଅକ୍ଟୋବରରୁ ୨୩ ଅକ୍ଟୋବର ପର୍ଯ୍ୟନ୍ତ ପୂର୍ବରୁ ଚିହ୍ନିତ ଓ ପଞ୍ଜିକୃତ ରୋଗୀମାନଙ୍କର ଭାରତୀୟ ପ୍ରତିରକ୍ଷା ବିଭାଗର ଡାକ୍ତରୀ ଟିମ ଦ୍ୱାରା ବିସ୍ତୃତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ନିରୂପଣ ଓ ଆବଶ୍ୟକୀୟ ଚିକିତ୍ସା ପାଇଁ ପ୍ରସ୍ତୁତି କରାଯାଇଥିଲା ଏବଂ ଅନ୍ତିମ ପର୍ଯ୍ୟାୟ ଅକ୍ଟୋବର ୩୧ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଶିବିର ଆୟୋଜନ କରାଯାଇ ଅସ୍ତ୍ରୋପଚାର ସମେତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଜାରି ରହିଛି ଏହି ଶିବିରରେ ହୃଦରୋଗ, ବୃକକ୍ ରୋଗ, ଚର୍ମରୋଗ, ଚକ୍ଷୁରୋଗ, ଦନ୍ତ ଚିକିତ୍ସା ଓ ସ୍ୱାସ୍ଥ୍ୟ ଗତ ଅନ୍ୟାନ୍ୟ ସମସ୍ୟାର ସ୍ୱାସ୍ଥ୍ୟ ପରାମର୍ଶ ସହିତ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ବିଶେଷକରି 'ଅପରେସନ ଦୃଷ୍ଟି' ଅଧୀନରେ ମାଗଣାରେ ଚକ୍ଷୁ ଅସ୍ତ୍ରୋପଚାର ସହ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା।ଶିବିରର ୪ ଦିନରେ ୫୦୦୦ ରୁ ଉର୍ଦ୍ଧ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଥିବା ବେଳେ ୩୧୨ ଜଣ ରୋଗୀଙ୍କ ଚକ୍ଷୁ ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ ଚିକିତ୍ସାମୂଳକ ପ୍ରକ୍ରିୟା ନିଃଶୁଳ୍କ ଭାବେ ସମ୍ପନ୍ନ ହୋଇଥିଲା।

ଚିକିତ୍ସିତ ହୋଇଥିବା ରୋଗୀ ମାନଙ୍କ ମଧ୍ୟରେ ୫୦୯ ଜଣ କୀଡ଼ୀନି , ୩୧୪ ଜଣ ହୃଦ,୬୮୧ ଜଣ ଚର୍ମ, ୩୬୯ ଜଣ ଦନ୍ତ, ୬୨୦ ଜଣ ଭେଷଜ, ୨୬୪୫ ଜଣ ଚକ୍ଷୁ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ବେଳେ ୩୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲ। ।ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଏୟାର ମାର୍ଶାଲ ଶ୍ରୀ ସନ୍ଦୀପ ଥରେଜା, ମହାନିର୍ଦ୍ଦେଶକ, ଆର୍ମଡ୍ ଫୋର୍ସେସ୍ ମେଡିକାଲ୍ ସର୍ଭିସେସ୍ (DGAFMS) ଯୋଗଦେଇ ଗଣମାଧ୍ୟମ କୁ ଶିବିର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବା ଅବସରରେ ଏହି ମାନବିକ ସେବାମୂଳକ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଶିବିର ମାଧ୍ୟମରେ ଦୁର୍ଗମ ଓ ଅବହେଳିତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉନ୍ନତ ଚିକିତ୍ସା ସେବା ପହଞ୍ଚାଇବା ଏକ ମହତ୍ ଉଦ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଶିବିର ରାଇରଙ୍ଗପୁର ତଥା ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏକ ବିଶେଷ ସୁଯୋଗ ସୃଷ୍ଟି କରିବା ସହ ସଶସ୍ତ୍ର ବାହିନୀର ମାନବିକତା, ସେବା ଓ ଜନକଲ୍ୟାଣମୂଳକ ମନୋଭାବର ଏକ ଉତ୍କୃଷ୍ଟ ଉଦାହରଣ ପାଲଟିଛି ବୋଲି କହିଥିଲେ।ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ବିଭିନ୍ନ ବିଭାଗର ସମନ୍ୱୟରେ ଏହି ମେଗା ସ୍ୱାସ୍ଥ୍ୟ ଶିବିର ସୁଚାରୁ ରୂପେ ସମ୍ପାଦିତ ହୋଇଛି।

ସାତମାସର ଗର୍ଭବତୀ ଥିଲେ ଦଶମ ଶ୍ରେଣୀ ଛାତ୍ରୀ

ବୈଶିଙ୍ଗା : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ସାତମାସର ଗର୍ଭବତୀ ଥିବାବେଳେ ବୁଧବାର ସକାଳେ ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜରେ ଏକ ପୁତ୍ର ସନ୍ତାନ ପ୍ରସବ କରିଥିବା ଜଣାପଡ଼ିଛି। ଘଟଣାଟି ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଓ ଯତ୍ନକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ବେତନଟୀ ବ୍ଲକ ଅଞ୍ଚଳର ଜଣେ ଛାତ୍ରୀ ଧନପୁରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀନିବାସରେ ରହି ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ମଙ୍ଗଳବାର ହଠାତ୍ ଅସୁସ୍ଥ ଅନୁଭବ କରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ସମୟରେ ଛାତ୍ରୀ ଜଣକ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ କାର୍ଯ୍ୟରତ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବୁଧବାର ସକାଳେ ଛାତ୍ରୀ ଜଣକ ଏକ ପୁତ୍ର ସନ୍ତାନ ପ୍ରସବ କରିଥିବା ସୂଚନା ମିଳିଛି। ତେବେ ଛାତ୍ରୀଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ନେଇ କେତେକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ଏହାର ସରକାରୀ ପୁଷ୍ଟି ମିଳିନାହିଁ। ଘଟଣା ସମ୍ପର୍କରେ ଏଯାଏଁ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି। ଘଟଣାର ସବିଶେଷ ତଥ୍ୟ ଜାଣିବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ବାରମ୍ବାର ଫୋନ୍ କରିବା ସତ୍ତ୍ୱେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏଭଳି ସ୍ଥିତିରେ ଛାତ୍ରୀଙ୍କ ଗର୍ଭଧାରଣ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବରୁ ଅବଗତ ଥିଲେ କି ନାହିଁ, ଏବଂ ଘଟଣାର ପ୍ରକୃତ ପୃଷ୍ଠଭୂମି କ'ଣ, ତାହା ଏବେ ତଦନ୍ତ ଓ ସ୍ପଷ୍ଟୀକରଣ ଅପେକ୍ଷାରେ ରହିଛି।ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଓ ପୃଷ୍ଠଭୂମି ସରକାରୀ ତଥ୍ୟ ମିଳିବା ପରେ ହିଁ ସ୍ପଷ୍ଟ ହୋଇପାରିବ।

ବର୍ଷାରେ ବୁଡ଼ିଲା ଧାନ ଫସଲ, ଚାଷୀଙ୍କ ପାଖରେ ପହଞ୍ଚିଲେ ବିଧାୟକ
ତୁରନ୍ତ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ



ଗଜପତି,୦୪/୧୧,(ନାରଦ ବାର୍ତ୍ତା): ଲଗାଣ ବର୍ଷା ଯୋଗୁଁ ଜଳମଗ୍ନ ହୋଇପଡ଼ିଥିବା ଧାନ ଜମି ଓ କ୍ଷତିଗ୍ରସ୍ତ ଫସଲର ସ୍ଥିତି ଅନୁଧ୍ୟାନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ। ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକ ଅନ୍ତର୍ଗତ ଅଗରଖଣ୍ଡି, ଭିନ୍ନଳା, ବାପୁଜିପେଣ୍ଠା ଓ ବଡ଼ଗାଁ ସମେତ ବିଭିନ୍ନ ଗ୍ରାମର ଚାଷ ଜମି ବୁଲି ସେ କ୍ଷୟକ୍ଷତି ଆକଳନ କରିଥିଲେ। ଅଗରଖଣ୍ଡିରେ ଜଳମଗ୍ନ ଧାନ ଜମି ଭିତରକୁ ଯାଇ ଫସଲର ସ୍ଥିତି ମଧ୍ୟ ଦେଖିଥିଲେ।ଏହି ଅବସରରେ ବିଧାୟକ ଭିଡିଓ କଲ୍ ମାଧ୍ୟମରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ କ୍ଷତିଗ୍ରସ୍ତ ଚାଷ ଜମିର ସ୍ଥିତି ଅବଗତ କରାଇଥିଲେ। ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ କ୍ଷୟକ୍ଷତି ଆକଳନ, ଆବଶ୍ୟକ ସହାୟତା ଓ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ।ଚାଷୀଙ୍କ ଜୀବିକା ସହ ଜଡ଼ିତ ଏହି ସମସ୍ୟାର ସମାଧାନ ଏବଂ କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର ସହାୟତା ପହଞ୍ଚାଇବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ।ପରିଦର୍ଶନ ସମୟରେ ଜିଲ୍ଲା ପରିଷଦ ସଭ୍ୟ ଏସ୍. ବାଲାରାଜୁ, ନୀଳମାଧବ ପାଣ୍ଡି, ବିଜୟ ଜେନା, ଜଗା ପ୍ରଧାନ, ବୁଢ଼ୁ ପ୍ରଧାନ, ନିରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଜନପ୍ରତିନିଧି ଓ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଚିକିଟି ପେଣ୍ଠରେ ବେଆଇନ ବାଣ ମହଜୁଦ, ପୁଲିସ ଜବତ କଲା ୫୨ କିସମର ବାଣ

ଦିଗପହଣ୍ଡି, ୦୪/୧୧ (ନାରଦ ବାର୍ତ୍ତା, ଅଳକ ନାଥ ମିଶ୍ର): ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ପେଣ୍ଠ ଗ୍ରାମରେ ବେଆଇନ ବାଣ ମହଜୁଦ ଉପରେ ପୁଲିସ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଏହି ଘଟଣାରେ ଗ୍ରାମର ସୁଦର୍ଶନ ସାହୁଙ୍କୁ ପୁଲିସ ଗିରଫ କରିଛି।ସୁଦର୍ଶନଙ୍କ ଘରେ ବିକ୍ରି ଉଦ୍ଦେଶ୍ୟରେ ବେଆଇନ ଭାବେ ବାଣ ମହଜୁଦ ଥିବା ସୂଚନା ପାଇ ଚିକିଟି ଫାଣ୍ଡି ଅଧିକାରୀ ଗୌତମ ସାହୁ ଥାନା ଆଇଆଇସି ବିଶ୍ୱଜିତ ନାୟକଙ୍କୁ ଜଣାଇଥିଲେ। ତାଙ୍କ ନିର୍ଦ୍ଦେଶରେ ପୁଲିସ ଟିମ୍ ମଙ୍ଗଳବାର ଘରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ବିଭିନ୍ନ କମ୍ପାନୀ ନିର୍ମିତ ୫୨ କିସମର ବାଣ ସହ ହାତ ତିଆରି ଦେଶୀ ବାଣ ଜବତ ହୋଇଥିଲା। ଜବତ ବାଣର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କାରୁ ଅଧିକ ବୋଲି ପୁଲିସ ଆକଳନ କରିଛି।ଏନେଇ ଚିକିଟି ଫାଣ୍ଡି ଅଧିକାରୀଙ୍କ ଏତଲା ଆଧାରରେ କେ. ନୂଆଗାଁ ଥାନାରେ ମାମଲା ନଂ. ୨୮୨/୨୬ ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଏସ୍.ଆଇ. ଅଭିଷେକ ପାଣ୍ଡବ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପରେ ବିଏନ୍‌ଏସ୍‌ଏସ୍ ଧାରା ୩୫(୩) ଅନୁଯାୟୀ ନୋଟିସ୍ ଦେଇ କୋର୍ଟରେ ହାଜର ହେବା ସର୍ତ୍ତରେ ତାଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

ପାତ୍ରପୁରରେ ୯ ଟନ୍ ପଶୁଖାଦ୍ୟ ବଣ୍ଟନା

ପାତ୍ରପୁର, ୦୪/୧୧,(ନାରଦ ବାର୍ତ୍ତା): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପ୍ରଭାବିତ ହୋଇଥିବା ପଶୁସମ୍ପଦର ସୁରକ୍ଷା ଏବଂ ଗୋପାଳକ ଚାଷୀଙ୍କୁ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ପାତ୍ରପୁର ପଶୁସମ୍ପଦ ବିଭାଗ ପକ୍ଷରୁ ଏକ ସହାୟତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରାୟ ୯ ହଜାର କିଲୋଗ୍ରାମ ପଶୁଖାଦ୍ୟ ବଣ୍ଟନ କରାଯାଇଛି।ପାତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତିଆପଲ୍ଲୀ, ବି. ନୂଆଗାଁ, ପଦାଦିଗି ଓ ଗୁଡ଼ିପଦର ଗ୍ରାମପଞ୍ଚାୟତ ସମେତ ପାତ୍ରପୁର ଏନ୍‌ଏସି ଅଞ୍ଚଳରେ ଏହି ପଶୁଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ବାତ୍ୟା ପରବର୍ତ୍ତୀ ସମୟରେ ପଶୁମାନଙ୍କ ଖାଦ୍ୟାଭାବ ଦୂର କରିବା ସହ ଚାଷୀଙ୍କ ଗୋପାଳନ କାର୍ଯ୍ୟକୁ ସହାୟତା ମିଳିବ ବୋଲି ଆଶା କରାଯାଉଛି। ପଶୁସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ଏହି ବଣ୍ଟନ କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଏବଂ ପାତ୍ରପୁର ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ଶସ୍ମିତା ପଣ୍ଡା ଉପସ୍ଥିତ ରହି ଚାଷୀଙ୍କୁ ପଶୁଖାଦ୍ୟ ବଣ୍ଟନ କରିଥିଲେ। ବାତ୍ୟା ପରବର୍ତ୍ତୀ ସମୟରେ ଗୃହପାଳିତ ପଶୁଙ୍କ ଖାଦ୍ୟାଭାବ ଦୂର କରିବା ଦିଗରେ ରାଜ୍ୟ ସରକାରଙ୍କ ଏହି ସହାୟତା ଗୋପାଳକ ଚାଷୀଙ୍କ ପାଇଁ ଉପଯୋଗୀ ହେବ ବୋଲି ଉପସ୍ଥିତ ଅଧିକାରୀ ଓ ଚାଷୀମାନେ ଆଶା ପ୍ରକାଶ କରିଛନ୍ତି।

୧୭ ବର୍ଷରେ ହେଲାନି, ୧୭ ଦିନରେ ୨ ଥର ବଦଳି!ସକାଳେ ନୂଆ ସ୍କୁଲରେ ଜଏନ, ଅପରାହ୍ନରେ ପୁଣି ସେଇ ପୁରୁଣା ବ୍ଲକକୁ ବଦଳି!



ମାଲକାନଗିରି ,୦୪/୧୧,(ନାରଦ ବାର୍ତ୍ତା): ଜନୈକା ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ମାଲକାନଗିରି ଜିଲ୍ଲା ମଙ୍ଗଳ ବିଭାଗର କାର୍ଯ୍ୟପ୍ରଣାଳୀ ଏବେ ପ୍ରଶ୍ନ ଘେରରେ। ଦୀର୍ଘ ୧୭ ବର୍ଷ ଧରି ଗୋଟିଏ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ଏହି ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ ଜାରି ହେବାର ମାତ୍ର ୧୭ ଦିନ ମଧ୍ୟରେ ପୁଣି ସେହି ପୁରୁଣା ବ୍ଲକ୍‌କୁ ଫେରାଇ ଅଣାଯାଇଛି। ଆହୁରି ଆଶ୍ଚର୍ଯ୍ୟର କଥା, ନୂଆ ବିଦ୍ୟାଳୟରେ ସକାଳେ ଯୋଗଦେବାର କେଇ ଘଣ୍ଟା ପରେ ଅପରାହ୍ନରେ ପୁଣି ଦ୍ୱିତୀୟ ବଦଳି ଆଦେଶ ଜାରି ହୋଇଥିବା ଜଣାପଡ଼ିଛି।ସୂଚନା ପ୍ରକାରେ, ମଙ୍ଗଳ ବିଭାଗ ଅଧୀନସ୍ଥ ଚିତ୍ରକୋଣ୍ଡାର ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୧୭ ବର୍ଷ ଧରି କାର୍ଯ୍ୟରତ ଶିକ୍ଷୟିତ୍ରୀ ଲିପିକା ସାମନ୍ତରାୟଙ୍କ ବଦଳି ପାଇଁ ଗତ ସେପ୍ଟେମ୍ବର ୨୯ ତାରିଖରେ ଜିଲ୍ଲାପାଳଙ୍କ ଆଦେଶ ପତ୍ର ନଂ-୩୬୭୯ ଜାରି ହୋଇଥିଲା। ତାଙ୍କୁ କୋରୁକୋଣ୍ଡା ବ୍ଲକ୍‌ର ପାଟ୍ରେଲ୍ ଉଚ୍ଚ ପ୍ରାଥମିକ ଏସ୍‌ଏସ୍‌ଡି ବିଦ୍ୟାଳୟକୁ ବଦଳି କରାଯାଇଥିଲା।ତେବେ ପୂର୍ବରୁ ଜନଗଣନା ଦାୟିତ୍ୱରେ ନିୟୋଜିତ ଥିବା ଦର୍ଶାଇ ଶିକ୍ଷୟିତ୍ରୀ ଜଣକ ବଦଳି ତାଲିକାରୁ ନିଜ ନାମ ବାଦ୍ ଦେବାରେ ସଫଳ ହୋଇଥିବା ଅଭିଯୋଗ ହେଉଛି । ଏହି ଅଭିଯୋଗର ସତ୍ୟତା ଏବଂ ଜନଗଣନା ଦାୟିତ୍ୱ ସମ୍ପର୍କିତ ତଥ୍ୟ ଯାଞ୍ଚ ହେବା ନେଇ ସନ୍ଦେହ ସୃଷ୍ଟି କରୁଛି।ଏହି ପ୍ରସଙ୍ଗରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବଦଳି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବା କୁହାଯାଉଛି। ତେବେ ଘଟଣାର ନାଟକୀୟ ମୋଡ଼ ଆସିଥିଲା ଅକ୍ଟୋବର ୧୬ ତାରିଖରେ। ସେହିଦିନ ସକାଳେ ଶିକ୍ଷୟିତ୍ରୀ ଲିପିକା ସାମନ୍ତରାୟ କୋରୁକୋଣ୍ଡା ବ୍ଲକ୍‌ର ପାଟ୍ରେଲ୍ ଉଚ୍ଚ ପ୍ରାଥମିକ ଏସ୍‌ଏସ୍‌ଡି ବିଦ୍ୟାଳୟରେ ଯୋଗଦାନ କରିଥିଲେ। ମାତ୍ର ସେହିଦିନ ଅପରାହ୍ନରେ ଜିଲ୍ଲାପାଳଙ୍କ ଆଦେଶ ପତ୍ର ନଂ-୩୯୭୨ ଅନୁଯାୟୀ ତାଙ୍କୁ ପୁଣି ଚିତ୍ରକୋଣ୍ଡା ବ୍ଲକ୍‌ର ବଡ଼ପଡ଼ାସ୍ଥିତ ମଙ୍ଗଳ ବିଭାଗ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା।ଗୋଟିଏ ଦିନରେ ଯୋଗଦାନ ଓ ପୁନର୍ବାର ବଦଳି ଘଟଣା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ପ୍ରଥମ ବଦଳି ଆଦେଶରେ କୌଣସି ତ୍ରୁଟି ଥିଲା କି? ନା ଅନ୍ୟ କୌଣସି ବିଶେଷ କାରଣରୁ ଦ୍ୱିତୀୟ ଆଦେଶ ଜାରି ହେଲା? ଏତେ କମ୍ ସମୟ ମଧ୍ୟରେ ନିଷ୍ପତ୍ତି ପରିବର୍ତ୍ତନର ପ୍ରଶାସନିକ ଆଧାର କ'ଣ?ଉଭୟ ବଦଳି ଆଦେଶ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମାଧ୍ୟମରେ ପ୍ରେରଣ ହୋଇଥିବା ଜଣାପଡ଼ିଛି। ତେଣୁ ଏହି ସମଗ୍ର ପ୍ରକ୍ରିୟାରେ ଜିଲ୍ଲା ମଙ୍ଗଳ ବିଭାଗର ଭୂମିକା ମଧ୍ୟ ତଦନ୍ତ ସାପେକ୍ଷ। କୌଣସି ଚାପ, ପ୍ରଭାବ ବା ବିଶେଷ ସୁପାରିସ୍‌ରେ ଏପରି ନିଷ୍ପତ୍ତି ନିଆଯାଇଛି କି ନାହିଁ, ତାହା ସ୍ପଷ୍ଟ ହେବା ଆବଶ୍ୟକ।ଜିଲ୍ଲାପାଳଙ୍କ ଦୁଇଟି ବଦଳି ଆଦେଶର କାରଣ, ଜନଗଣନା ଦାୟିତ୍ୱ ସମ୍ପର୍କିତ ଅଭିଯୋଗ ଏବଂ ପୁନଃ ବଦଳିର ପ୍ରଶାସନିକ ଆଧାର ସମ୍ପର୍କରେ ଜିଲ୍ଲା ପ୍ରଶାସନ ସ୍ୱଷ୍ଟୀକରଣ ଦେବା ଆବଶ୍ୟକ ହୋଇପଡ଼ିଛି । ୧୭ ବର୍ଷର କାର୍ଯ୍ୟକାଳ ପରେ ୧୭ ଦିନରେ ବଦଳି ଆଦେଶର ଏଭଳି ପରିବର୍ତ୍ତନ ପଛର ରହସ୍ୟ କେବେ ଖୋଲିବ, ତାହା ଏବେ ଚର୍ଚ୍ଚାର ବିଷୟ।

ଅଳପୁଆ ହାଇସ୍କୁଲରେ ଶିଶୁ ମହୋତ୍ସବ 'ସୁରଭି'
୧୦ ବିଦ୍ୟାଳୟର ୧୦୦ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ପଟ୍ଟାମୁଣ୍ଡାଇ,୦୪/୧୧,(ନାରଦ ବାର୍ତ୍ତା): ଅଳପୁଆ ନୋଡାଲ ହାଇସ୍କୁଲ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଶିଶୁ ମହୋତ୍ସବ 'ସୁରଭି' ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ବିଦ୍ୟାଳୟର ପ୍ରାୟ ୧୦୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ମନୋରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତା ଓ ସହକାରୀ ଶିକ୍ଷକ ଚିରଞ୍ଜିବୀ ସାହୁଙ୍କ ସଂଯୋଜନାରେ ଉଦ୍‌ଘାଟନୀ ସଭା ହୋଇଥିଲା। ସ୍ଥାନୀୟ ସରପଞ୍ଚ ପଦ୍ମିନୀ ବେହେରା ମୁଖ୍ୟ ଅତିଥି ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ବିଭୂତି ଭୂଷଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ଦାସଙ୍କ ସମେତ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମାଜସେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ରବି ରଞ୍ଜନ ଶର୍ମା ଓ ତାପସ କୁମାର ରାଉତ ବିଚାରକ ଦାୟିତ୍ୱ ତୁଲାଇଥିଲେ।ଉଦ୍‌ଯାପନୀ ସଭାରେ ସହମଣ୍ଡଳ ଶିକ୍ଷା ଅଧିକାରୀ ସୁନୀତି ଦାସ ଓ ପ୍ରାକ୍ତନ ସହମଣ୍ଡଳ ଶିକ୍ଷା ଅଧିକାରୀ ପ୍ରେମବାଳା ମହାପାତ୍ର ଯୋଗ ଦେଇଥିଲେ। ଅଳପୁଆ କ୍ଲଷ୍ଟର ସିଆରସିସି ପ୍ରହ୍ଲାଦ ପଲାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ ପରିବେଷଣ ସହ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା।

ବନ୍ୟା ପରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା
ସାନଖେମୁଣ୍ଡିରେ ଚଳନ୍ତି ଜଳ ବିଶୋଧନ ଗାଡ଼ି ନିୟୋଜିତ, ୨୪ରୁ ୨୧ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ



ଦିଗପହଣ୍ଡି, ୦୪/୧୧ (ନାରଦ ବାର୍ତ୍ତା, ଅଳକ ନାଥ ମିଶ୍ର): ବନ୍ୟା ପରବର୍ତ୍ତୀ ସମୟରେ ଜଳବାହିତ ରୋଗର ଆଶଙ୍କାକୁ ଦୃଷ୍ଟିରେ ରଖି ସାନଖେମୁଣ୍ଡି ବ୍ଲକ୍‌ର ବନ୍ୟା ପ୍ରଭାବିତ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା ଦିଆଯାଇଛି। ବନ୍ୟାରେ ଅଚଳ ହୋଇଥିବା ୨୪ଟି ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ବୁଧବାର ସୁଦ୍ଧା ୨୧ଟିକୁ କାର୍ଯ୍ୟକ୍ଷମ କରାଯାଇଥିବା ବ୍ଲକ୍ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଇଂ. ଉପମା ଘଡ଼େଇ ସୂଚନା ଦେଇଛନ୍ତି।ବନ୍ୟା ପରେ ଦୂଷିତ ଜଳ ଯୋଗୁଁ ହଇଜା ଓ ଡାଇରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଥିବାରୁ ବ୍ରହ୍ମପୁରସ୍ଥିତ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ. ମନୋରଞ୍ଜନ ଜେନା ଓ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଶାନ୍ତ କୁମାର ବାଗଙ୍କ ତତ୍ତ୍ୱାବଧାନରେ କ୍ଷେତ୍ର କର୍ମଚାରୀମାନେ ବିଭିନ୍ନ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ତଦାରଖ କରୁଛନ୍ତି। ପ୍ରଥମଥର ପାଇଁ ବ୍ଲକ୍‌ରେ ଅତ୍ୟାଧୁନିକ ଚଳନ୍ତି ଜଳ ବିଶୋଧନ (ଏମ୍‌ଟିୟୁ) ଗାଡ଼ି ନିୟୋଜିତ ହୋଇଛି। ନଦୀ, ନାଳ ଓ ପୋଖରୀରୁ ଜଳ ସଂଗ୍ରହ କରି ବିଶୋଧନ ପରେ ଲୋକଙ୍କୁ ଯୋଗାଇ ଦିଆଯାଉଛି। ଆବଶ୍ୟକସ୍ଥଳେ ଟ୍ୟାଙ୍କର ମାଧ୍ୟମରେ ମଧ୍ୟ ପାନୀୟ ଜଳ ଯୋଗାଣ ହେଉଛି। ଅଧିକାଂଶ ଗ୍ରାମର ନଳକୂପ ଓ ବେସରକାରୀ କୂଅକୁ ମଧ୍ୟ ବିଶୋଧନ କରାଯାଇଛି ଅନ୍ୟପକ୍ଷରେ ଦିଗପହଣ୍ଡି ସହରକୁ ମୌଳାଭଞ୍ଜାସ୍ଥିତ ଘୋଡ଼ାହାଡ଼ ନଦୀରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି। ଏନ୍‌ଏସିର ୧୧ଟି ୱାର୍ଡର ପ୍ରାୟ ୩୮୦୦ ପରିବାର ପାଇପ୍ ସଂଯୋଗ ନେଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ମଧ୍ୟ ଜଳ ଯୋଗାଣ କରାଯାଉଛି। ନଦୀରୁ ଜଳ ଉଠାଣରେ ସମସ୍ୟା ହେଲେ ହସ୍‌ପିଟାଲ ରାସ୍ତାରେ ଥିବା ବିଭାଗୀୟ ସମ୍ପରୁ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ନିୟମିତ ବ୍ୟବଧାନରେ ଟାଙ୍କିଗୁଡ଼ିକୁ ବ୍ଲିଚିଂ ଦ୍ୱାରା ବିଶୋଧନ କରାଯାଉଥିବାବେଳେ ଭାଙ୍ଗିଯାଇଥିବା ଷ୍ଟାଣ୍ଡପୋଷ୍ଟଗୁଡ଼ିକର ମରାମତି ହୋଇଛି ବୋଲି ପିଏଚ୍‌ଡି କନିଷ୍ଠ ଯନ୍ତ୍ରୀ ଇଂ. ଅଜିତ କୁମାର ବସ୍ତିଆ କହିଛନ୍ତି। ବନ୍ୟାରେ ମୌଳାଭଞ୍ଜା ନିକଟ ଘୋଡ଼ାହାଡ଼ ନଦୀପଠାରେ ଥିବା ମୋଟର ୟୁନିଟ୍‌ର ଭାଲ୍‌ଭଗୁଡ଼ିକ ନଷ୍ଟ ହୋଇ ବାଲିରେ ପୋତି ହୋଇଯାଇଥିଲା। ସେଗୁଡ଼ିକୁ ମଧ୍ୟ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ସହରର ଥାନା ନିକଟରେ ୬ ଲକ୍ଷ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି ନିର୍ମାଣ ଚାଲିଛି। ଆସନ୍ତା ଏକରୁ ଦୁଇ ମାସ ମଧ୍ୟରେ ଏହାର କାମ ସରିବା ଆଶା ରହିଛି। ଏଥିସହ ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସହରକୁ ଦୈନିକ ୩ ଲକ୍ଷ ଲିଟର ଜଳ ଯୋଗାଣ ହେବ ବୋଲି କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଛନ୍ତି।

କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

ଯାଜପୁର, ୦୪-୧୧-୨୬: କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଓ ଜନକଲ୍ୟାଣକାରୀ ଯୋଜନାର ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି (ACDC) ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (CDO) ଶ୍ରୀ ଦେବୀ ପ୍ରସାଦ ମହାନ୍ତି ଏବଂ ଉପ-ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବିଧାୟକ ଶ୍ରୀ ଆକାଶ ଦାସନାୟକ ପ୍ରତ୍ୟେକ ବିଭାଗର କାର୍ଯ୍ୟାବଳୀର ବିସ୍ତୃତ ସମୀକ୍ଷା କରିବା ସହ ଅଞ୍ଚଳର ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ (CDMO) ସମ୍ପର୍କରେ ଆଲୋଚନା କରି ବିଧାୟକ ଶ୍ରୀ ଦାସନାୟକ କର୍ମଚାରୀ ନିଯୁକ୍ତି, ନୂତନ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ୧୫ ଦିନ ମଧ୍ୟରେ ହସ୍ତାନ୍ତର କରିବା, ନୂଆ ଭେଷଜ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଏବଂ ସୁରକ୍ଷା ଦୃଷ୍ଟିରୁ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ପାଚେରୀ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ।ଜନସଂଖ୍ୟାକୁ ଆଖିଆଗରେ ରଖି ଅନୁପଯୁକ୍ତ ଆମ୍ବୁଲାନ୍ସଗୁଡ଼ିକୁ ବଦଳାଇ ନୂତନ ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଘାଟ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରି ଟେଣ୍ଡର ପ୍ରକ୍ରିୟା ଶେଷ ହେବା ମାତ୍ରେ ଠିକାଦାରମାନଙ୍କୁ ଆସନ୍ତା ଜୁନ୍ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନୋଟିସ ଦେବା, ଜମି ଅଧିଗ୍ରହଣ ସମସ୍ୟାର ଶୀଘ୍ର ସମାଧାନ କରିବା ଓ ପିଚୁ ରାସ୍ତା କାମ ତୁରନ୍ତ ଆରମ୍ଭ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସରକାରୀ ସୌଧ ନିର୍ମାଣ କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ତ୍ୱରାନ୍ୱିତ କରିବା, ବ୍ୟାସନଗର ଷ୍ଟାଡିୟମର ପାଚେରୀ ନିର୍ମାଣ ଓ ଇନଡୋର ଷ୍ଟାଡିୟମରେ ସ୍ୱିମିଂ ପୁଲ୍ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଥିଲେ।ପାନୀୟ ଜଳ ଓ ପରିମଳ ବିଭାଗର ଆଲୋଚନା ବେଳେ ବିଧାୟକ ସୌରଶକ୍ତି ପ୍ରକଳ୍ପର ଅଗ୍ରଗତି, ନଦୀକୂଳିଆ ଅଞ୍ଚଳରେ କୁମ୍ଭୀର ଆକ୍ରମଣରୁ ସୁରକ୍ଷା ପାଇଁ ବ୍ୟାରିକେଡ୍ ନିର୍ମାଣ ଓ ସଚେତନତା ସୃଷ୍ଟି, ନୂତନ ନଳକୂପ ସର୍ଭେ ଏବଂ ରାସ୍ତା ଖୋଳାଯିବା ପରେ ତୁରନ୍ତ ମରାମତି କରିବାକୁ କହିଥିଲେ। ଜଳସେଚନ ବିଭାଗର ମାଥୁରାପୁର ସ୍ୱିଚ୍ ଗେଟ୍‌ର ସ୍ଥିତି, ଲିଫ୍ଟ ଜଳସେଚନ ବିଭାଗର ଅଚଳ ପ୍ରକଳ୍ପର ପୁନରୁଦ୍ଧାର ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ଚେକ୍‌ଡ୍ୟାମ୍ ସମ୍ପର୍କରେ ବିଧାୟକ ପଚାରି ବୁଝିଥିଲେ। କୋରେଇ ଏବଂ ରସୁଲପୁର ବିଡ଼ିଓ ମାନଙ୍କ ସହ ଆଲୋଚନା କରି ବିଧାୟକ ଶ୍ରୀ ଦାସନାୟକ ପ୍ରକଳ୍ପଗୁଡ଼ିକର ନିୟମିତ ସମୀକ୍ଷା, କଲ୍ୟାଣ ମଣ୍ଡପ ନିର୍ମାଣ ଶେଷ କରିବା, "ଭିବି ଜି ରାମ ଜି" ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା, ସ୍ଥାନୀୟ ହାଟଗୁଡ଼ିକର ଭିତ୍ତିଭୂମି ବିକାଶ ଏବଂ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ଅନୁସାରେ ରାସନ ଦୋକାନୀମାନଙ୍କର ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସୀମାନ୍ତରୁ ସଫଳତା, ଏକଲବ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ୧୨ ଛାତ୍ରଛାତ୍ରୀ
ରାଜାପୁଟି ଆଶ୍ରମ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନର ସୁଅ



ରାଇଘର, ୦୪/୧୧ (ନାରଦ ବାର୍ତ୍ତା – ନରସିଂ ବାଘ): ନବରଙ୍ଗପୁର ଜିଲ୍ଲାର ସୀମାନ୍ତ ରାଇଘର ବ୍ଲକ ଅନ୍ତର୍ଗତ ରାଜାପୁଟି ଆଶ୍ରମ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଚଳିତ ବର୍ଷ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଏହି ବିଦ୍ୟାଳୟର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇ ମନୋନୀତ ହୋଇଛନ୍ତି। ସୀମାନ୍ତ ଅଞ୍ଚଳରେ ଏହି ସଫଳତାକୁ ନେଇ ଖୁସିର ଲହର ଖେଳିଯାଇଛି।ଗରିବ ଓ ଆଦିବାସୀ ପରିବାରର ଏହି ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ସଫଳତା ହାସଲ କରିଛନ୍ତି। ପ୍ରଧାନ ଶିକ୍ଷକ ନାରାୟଣ ପାନକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ମାର୍ଗଦର୍ଶନ ଏହି ସଫଳତାର ମୁଖ୍ୟ ଆଧାର ପାଲଟିଛି।କୃତୀ ଛାତ୍ରଛାତ୍ରୀମାନେ ହେଲେ ରଞ୍ଜିତ ଗଣ୍ଡ, ଶାନ୍ତିରାଜ ସାନ୍ତା, ବାବୁଲ ଗଣ୍ଡ, ଉପେନ୍ଦ୍ର ଗଣ୍ଡ, ପିଣ୍ଟୁ ଗଣ୍ଡ, ଶଙ୍କର ସାନ୍ତା, ଗୌରୀ ଶଙ୍କର ଭତ୍ରା, ଚଞ୍ଚଳା ଗଣ୍ଡ, କବିତା ଗଣ୍ଡ, ସାଗରିକା ଗଣ୍ଡ, ଗାୟତ୍ରୀ ଗଣ୍ଡ ଓ ଚନ୍ଦ୍ରିକା ଗଣ୍ଡ।ଏହି ସଫଳତା ପରେ ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ସରପଞ୍ଚ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ଅଞ୍ଚଳବାସୀ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଏକଲବ୍ୟ ବିଦ୍ୟାଳୟରେ ଅଧ୍ୟୟନ କରି ଏହି ପିଲାମାନେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସହ ଜିଲ୍ଲାର ସୁନାମ ବଢ଼ାଇବେ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ପାନକା ଆଶାବ୍ୟକ୍ତ କରିଛନ୍ତି।

ଅପହରଣ, ଯୌନ ନିର୍ଯାତନା ଓ ହତ୍ୟା ଉଦ୍ୟମ ମାମଲା:
୯ ଦୋଷୀଙ୍କୁ ଆଜୀବନ ଜେଲ୍, ରାୟ ପରେ କୋର୍ଟ ପରିସରରେ ଉତ୍ତେଜନା:ଜଣେ



ରାୟଗଡ଼ା, ୦୪/୧୧ (ନାରଦ ବାର୍ତ୍ତା – ସୁବ୍ରତ ଚୌଧୁରୀ): ବହୁଚର୍ଚ୍ଚିତ ଅପହରଣ, ଯୌନ ନିର୍ଯାତନା ଓ ହତ୍ୟା ଉଦ୍ୟମ ମାମଲାରେ ରାୟଗଡ଼ା ଅଦାଲତଙ୍କ ବଡ଼ ରାୟ। ଦୀର୍ଘ ବର୍ଷର ବିଚାର ପ୍ରକ୍ରିୟା ପରେ ୯ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍। ଏଥିସହ ଦୋଷୀଙ୍କ ଉପରେ ୧୦ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ ହୋଇଛି। ତେବେ ରାୟ ଘୋଷଣା ପରେ କୋର୍ଟ ପରିସରରେ ଉତ୍ତେଜନା ମଧ୍ୟରେ ଜଣେ ଦୋଷୀ ଫେରାର ହୋଇଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।୨୦୧୯ ନଭେମ୍ବର ୧୮ ତାରିଖରେ ରାୟଗଡ଼ା ଥାନା ଅନ୍ତର୍ଗତ ଲାଡା ଷ୍ଟେସନ ନିକଟରେ ଏହି ଘଟଣା ଘଟିଥିଲା। ଚେନ୍ନାଇରୁ ଝାରସୁଗୁଡ଼ା ଯାଉଥିବା ଜଣେ ଯୁବକଙ୍କୁ ଟ୍ରେନ୍‌ରେ ଯାତ୍ରା ସମୟରେ ଅଭିଯୁକ୍ତମାନେ ଅପହରଣ କରିଥିଲେ। ଗଞ୍ଜେଇ ଚାଲାଣ ଅଭିଯୋଗରେ ଯୁବକଙ୍କୁ ଭୟଭୀତ କରିବା ସହ ମୁକ୍ତ କରିବା ପାଇଁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିସହ ତାଙ୍କୁ ଯୌନ ନିର୍ଯାତନା ଦେବା ଓ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ରାୟଗଡ଼ା ଥାନାରେ ୪୨୫/୧୯ ନମ୍ବରରେ ମାମଲା ରୁଜୁ ହୋଇଥିଲା।ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ବେଳେ ଦୀର୍ଘ ବର୍ଷର ବିଚାର ପ୍ରକ୍ରିୟାରେ ୩୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଦାଲତ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସିର ଧାରା ୩୫୪(ଏ), ୩୬୪(ଏ), ୩୭୭, ୧୨୦(ବି), ୩୪ ଏବଂ ଆର୍ମସ୍ ଆକ୍ଟର ଧାରା ୨୫(୧) ଅନୁଯାୟୀ ଦଣ୍ଡାଦେଶ ହୋଇଛି।ରାୟ ଘୋଷଣା ପରେ ଦୋଷୀଙ୍କ ପରିବାରବର୍ଗଙ୍କ ପକ୍ଷରୁ କୋର୍ଟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଏହି ସମୟରେ ଦୋଷୀ ଶୁଣ୍ଠି ପ୍ରକାଶ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଫେରାର ଦୋଷୀଙ୍କୁ ଧରିବା ପାଇଁ ପୁଲିସର ତନାଘନା ଜାରି ରହିଛି। ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ ପୁଲିସ ଟିମ୍ ସହ ପହଞ୍ଚି କୋର୍ଟ ପରିସରରେ ସ୍ଥିତି ନିୟନ୍ତ୍ରଣ କରିଥିଲେ।ଦୀର୍ଘ ବର୍ଷ ପରେ ୯ ଜଣଙ୍କୁ ଆଜୀବନ ଦଣ୍ଡାଦେଶ ହୋଇଥିବା ବେଳେ ଜଣେ ଦୋଷୀଙ୍କ ଫେରାର ଘଟଣା ଏବେ ରାୟଗଡ଼ାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅବହେଳିତ ଐତିହ୍ୟକୁ ମିଳିବ ନୂଆ ଜୀବନ
'ଭାଇ ବୋହୂ ଦେଢ଼ଶୂର କୂଅ'ର ପୁନଃଉଦ୍ଧାର ପାଇଁ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



ବଡ଼ଚଣା, ୦୪/୧୧ (ନାରଦ ବାର୍ତ୍ତା): ଦୀର୍ଘବର୍ଷ ଧରି ଅବହେଳିତ ହୋଇ ପଡ଼ିରହିଥିବା ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଚଣ୍ଡିତଳ ପଞ୍ଚାୟତର ଐତିହାସିକ 'ଭାଇ ବୋହୂ ଦେଢ଼ଶୂର କୂଅ'ର ପୁନଃଉଦ୍ଧାର ହେବାକୁ ଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି।ଚଣ୍ଡିତଳ ଗ୍ରାମରେ ଅବସ୍ଥିତ ଏହି ପୁରାତନ କୂଅ ଐତିହ୍ୟ, ସ୍ଥାପତ୍ୟ ଓ ଲୋକକିମ୍ବଦନ୍ତୀର ଏକ ଅନନ୍ୟ ନିଦର୍ଶନ। ଏହାର ଐତିହାସିକ ଗୁରୁତ୍ୱକୁ ଅନୁଧ୍ୟାନ କରି ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ପ୍ରଚେଷ୍ଟାରେ ଓଡ଼ିଶା ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ମିଳିତ ଉଦ୍ୟମରେ ଏହାର ପୁନଃଉଦ୍ଧାର ଓ ସଂରକ୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଛି।ଏହି ପରିପ୍ରେକ୍ଷୀରେ ବୁଧବାର ପଞ୍ଚାୟତିରାଜ ବିଭାଗର ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଏକ ବିଶେଷଜ୍ଞ ଦଳ ଚଣ୍ଡିତଳ ଗ୍ରାମ ପରିଦର୍ଶନ କରି କୂଅର ସ୍ଥିତି ଅନୁଧ୍ୟାନ କରିଥିଲେ। କୂଅର ଗଭୀରତା, ନିର୍ମାଣ ଶୈଳୀ, ଚାରିପାଖର ପରିବେଶ ଓ ପୁନଃଉଦ୍ଧାର ପାଇଁ ଆବଶ୍ୟକ ଯୋଜନା ସମ୍ପର୍କରେ ଦଳ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକକଥା ଅନୁଯାୟୀ, ଏହି କୂଅ ସହ ଭାଇ-ବୋହୂଙ୍କୁ ନେଇ ଏକ କରୁଣ କିମ୍ବଦନ୍ତୀ ଜଡ଼ିତ ରହିଛି। ପୁରାତନ କାଳରେ ନିର୍ମିତ କୂଅର କାରୁକାର୍ଯ୍ୟ ସେ ସମୟର ସ୍ଥାପତ୍ୟ କଳାର ପରିଚୟ ବହନ କରୁଛି। ଏହାର ପୁନଃଉଦ୍ଧାର ହେଲେ ଚଣ୍ଡିତଳ ଗ୍ରାମର ଏହି ଐତିହ୍ୟ ସ୍ଥଳୀ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ନୂଆ ପରିଚୟ ହାସଲ କରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

ଭକ୍ତିମୟ କାଶୀନଗର, ମା' ଲକ୍ଷ୍ମୀଙ୍କ ଦର୍ଶନ କଲେ ବିଧାୟକ



ଗଜପତି,୦୪/୧୧, (ନାରଦ ବାର୍ତ୍ତା): ଗଜପତି ଜିଲ୍ଲାର କାଶୀନଗର ସହରରେ ମହାଆଡ଼ମ୍ବରରେ ଚାଲିଛି ମା' ଲକ୍ଷ୍ମୀଙ୍କ ପୂଜା। ମା'ଙ୍କ ଆଗମନକୁ ନେଇ ସହରରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହେଉଛି।ଏହି ପବିତ୍ର ଅବସରରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ କାଶୀନଗରରେ ପହଞ୍ଚି ମା' ଲକ୍ଷ୍ମୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ମା'ଙ୍କ ନିକଟରେ ପ୍ରାର୍ଥନା କରି ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ।ବିଧାୟକଙ୍କ ସହ ବରିଷ୍ଠ ନେତା କଟିକି ରାମା ରାଓ, ରଘୁରାମ ସାହୁ, ମଧୁବାବୁ ଓ ଜିଲ୍ଲା ପରିଷଦ ସଦସ୍ୟ ଏସ୍. ବାଲାରାଜୁଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତି ମା'ଙ୍କ ଦର୍ଶନ କରିଥିଲେ।କାଶୀନଗରରେଆୟୋଜିତ ଏହି ଲକ୍ଷ୍ମୀପୂଜା ଧାର୍ମିକ ଆସ୍ଥା, ସାମାଜିକ ଏକତା ଓ ଭାଇଚାରାର ନିଦର୍ଶନ ପାଲଟିଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଓ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଆଗମନ ଉତ୍ସବକୁ ଆହୁରି ଆକର୍ଷଣୀୟ କରିଛି। ମା' ଲକ୍ଷ୍ମୀଙ୍କ କୃପାରେ କାଶୀନଗର ଅଞ୍ଚଳରେ ସୁଖ, ଶାନ୍ତି ଓ ସମୃଦ୍ଧି ବଜାୟ ରହୁ ବୋଲି ଭକ୍ତମାନେ କାମନା କରିଛନ୍ତି।

ନାରଦ ବାର୍ତ୍ତା
ସତ୍ୟ | ନିରପେକ୍ଷ | ନିର୍ଭୀକ

ଲୋକେ ଘୃଣା ରାଜନୀତି ବିରୋଧରେ ଦେଉଛନ୍ତି ଭୋଟ:

ବ୍ରାଜିଲ,ସର୍ବିଆ ପରେ ଏବେ ଆମେରିକାରେ ମତଦାତାଙ୍କ କମାଲ୍



ନୂଆଦିଲ୍ଲୀ: ଆମେରିକା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ପ୍ରାରମ୍ଭିକ ଧାରା ଏବଂ ପରିବର୍ତ୍ତନଶୀଳ ରାଜନୈତିକ ପବନ ମଧ୍ୟରେ ଭାରତର ରାଜନୈତିକ ମହଲରେ ବୟାନବାଜି ତୀବ୍ର ହୋଇଛି। ଯୁବ ଆନ୍ଦୋଳନ ଯୋଗୁଁ ସାମ୍ପ୍ରତିକ ମାସଗୁଡ଼ିକରେ ପ୍ରସିଦ୍ଧି ହାସଲ କରିଥିବା କକ୍ରୋଚ୍ ଜନତା। ପାର୍ଟି(ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆମେରିକା। ନିର୍ବାଚନ ସମ୍ପର୍କରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି ବ୍ରାଜିଲ, ସର୍ବିଆ ପରେ ଏବେ ଆମେରିକା। ସିଜେପିର ସହ-ସଂଯୋଜକ ଏବଂ ମୁଖପାତ୍ର ଆଶୁତୋଷ ରାଙ୍କା ଏକ୍ସରେ ଏକ ସଂକ୍ଷିପ୍ତ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟ କରିଥିଲେ। ଆଶୁତୋଷ ରାଙ୍କାଙ୍କ ଏହି ପୋଷ୍ଟଟି ବିଶ୍ୱସ୍ତରରେ ଶାସନ ବିରୋଧୀ ଲହର ଏବଂ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର କ୍ଷତି ଏବଂ ଡେମୋକ୍ରାଟଙ୍କ ଉତ୍ଥାନ ପ୍ରତି ସିଧାସଳଖ ସନ୍ଦର୍ଭରେ ଥିଲା। ଅଭିଜିତ୍ ଦୀପକେ ରାଙ୍କାଙ୍କ ପୋଷ୍ଟକୁ ରିପୋଷ୍ଟ କରିଲେଖିଛନ୍ତି, ଲୋକମାନେ ଘୃଣା ରାଜନୀତି ବିରୋଧରେ ଭୋଟ ଦେଉଛନ୍ତି। ଉତ୍ତରଦାୟିତ୍ୱ, ଚାକିରି ଏବଂ ସୁଲଭ ଜୀବନଯାପନ ପାଇଁ ମତଦାନ କରୁଛନ୍ତି। ଦୀପକଙ୍କ ଏହି ବକ୍ତବ୍ୟକୁ କେବଳ ଆମେରିକୀୟ ରାଜନୀତି ସହିତ ନୁହେଁ ବରଂ ଭାରତୀୟ ପରିସ୍ଥିତି ସହିତ ମଧ୍ୟ ଯୋଡାଯାଉଛି, ଯେଉଁଠାରେ ସିଜେପି ନିରନ୍ତର ବେକାରୀ, ମୁଦ୍ରାସ୍ଫୀତି ଏବଂ ସରକାରୀ ନୀତି ବିରୋଧରେ ମୋର୍ଚ୍ଚା ଖୋଲୁଛି। ଶି ଆମେରିକା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ପ୍ରାରମ୍ଭିକ ଧାରା ଏବଂ ପରିବର୍ତ୍ତନଶୀଳ ରାଜନୈତିକ ପବନ ମଧ୍ୟରେ ଭାରତର ରାଜନୈତିକ ମହଲରେ ବୟାନବାଜି ତୀବ୍ର ହୋଇଛି। କ୍ଷାମନ୍ତ୍ରୀଙ୍କ ଇସ୍ତଫା ଠାରୁ ନିର୍ବାଚନ କମିସନଙ୍କ ବିରୋଧରେ ପ୍ରତିବାଦ ପର୍ଯ୍ୟନ୍ତ ଉଲ୍ଲେଖନୀୟ ଭାବେ ଅଭିଜିତ୍ ଏବଂ ସିଜେପି କିଛି ସମୟ ଧରି ଜାତୀୟ ରାଜନୀତିରେ ଏକ ପ୍ରମୁଖ ଯୁବ ଚାପ ଗୋଷ୍ଠୀ ଭାବରେ ଉଭା ହୋଇଛନ୍ତି। କେନ୍ଦ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଏବଂ ନିର୍ବାଚନ କମିସନଙ୍କର ମୁକାବିଲା କରିବା ପାଇଁ ସିଜେପି ନେତାମାନେ ବିରୋଧୀ ଦଳଗୁଡ଼ିକ ସହିତ ମେଣ୍ଟ କରୁଛନ୍ତି। ଏପରି ପରିସ୍ଥିତିରେ ଆମେରିକା ନିର୍ବାଚନ ଫଳାଫଳ ଆଧାରରେ ସିଜେପି ନେତାମାନଙ୍କ ଦ୍ୱାରା ଘୃଣା ଏବଂ ମୁଦ୍ରାସ୍ଫୀତି ଉପରେ ଏହି ପୋଷ୍ଟ ଭାରତୀୟ ରାଜନୀତିରେ ଏକ ନୂତନ ବିତର୍କ ଆରମ୍ଭ କରିଛି। ଲୋକେ ଘୃଣା ରାଜନୀତି ବିରୋଧରେ ଦେଉଛନ୍ତି ଭୋଟ: ବ୍ରାଜିଲ,ସର୍ବିଆ ପରେ ଏବେ ଆମେରିକାରେ ମତଦାତାଙ୍କ କମାଲ୍

ଆମେରିକା ନିର୍ବାଚନରେ ଭାରତୀୟ ବଂଶୋଦ୍ଭବଙ୍କ ମିଶ୍ରିତ ପ୍ରଦର୍ଶନ,

ବିବେକ ରାମସ୍ୱାମୀ ପରାସ୍ତ



ୱାସିଂଟନ: ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀମାନେ ମିଶ୍ରିତ ସଫଳତା ପାଇଛନ୍ତି। ରିପବ୍ଲିକାନ୍ ପାର୍ଟିର ପ୍ରମୁଖ ନେତା ବିବେକ ରାମସ୍ୱାମୀ ଓହିଓ ରାଜ୍ୟପାଳ ନିର୍ବାଚନରେ ପରାସ୍ତ ହୋଇଥିବା ବେଳେ ଡେମୋକ୍ରାଟିକ୍ ପାର୍ଟିର ପ୍ରମିଳା ଜୟପାଲ, ରୋ ଖାନ୍ନା, ଅମି ବେରା ଓ ସୁହାସ ସୁବ୍ରମଣ୍ୟମ୍ ପୁନର୍ବାର ଆମେରିକା କଂଗ୍ରେସକୁ ନିର୍ବାଚିତ ହୋଇଛନ୍ତି। ଫ୍ଲୋରିଡାରୁ ପିଆ ଦାଣ୍ଡିଆ ବିଜୟୀ ହୋଇ ପ୍ରଥମ ଭାରତୀୟ-ଆମେରିକୀୟ ମହିଳା ଭାବେ ଏହି ରାଜ୍ୟରୁ ପ୍ରତିନିଧି ସଭାକୁ ଯିବାର ଗୌରବ ହାସଲ କରିଛନ୍ତି। କେରଳୀୟ ପ୍ରବାସୀ ପରିବାରରେ ଜନ୍ମିତ ୪୧ ବର୍ଷୀୟ ବିବେକ ରାମସ୍ୱାମୀ ଓହିଓ ରାଜ୍ୟପାଳ ପଦ ପାଇଁ ରିପବ୍ଲିକାନ୍ ପ୍ରାର୍ଥୀ ହୋଇଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ତାଙ୍କୁ ମିଳିଥିଲା। ତେବେ ଡେମୋକ୍ରାଟିକ୍ ପ୍ରାର୍ଥୀ ତଥା ଚିକିତ୍ସକ ଏମି ଆକ୍ଟନ୍‌ଙ୍କଠାରୁ ସେ ପରାସ୍ତ ହୋଇଛନ୍ତି। ଆକ୍ଟନ୍ ୫୧ ପ୍ରତିଶତରୁ ଅଧିକ ଭୋଟ୍ ପାଇଥିବା ବେଳେ ରାମସ୍ୱାମୀଙ୍କୁ ୪୫ ପ୍ରତିଶତରୁ ଅଧିକ ଭୋଟ୍ ମିଳିଛି। ୨୦୦୬ ପରେ ପ୍ରଥମଥର ପାଇଁ ଓହିଓରେ ଜଣେ ଡେମୋକ୍ରାଟିକ୍ ପ୍ରାର୍ଥୀ ରାଜ୍ୟପାଳ ନିର୍ବାଚିତ ହୋଇଛନ୍ତି। ଏହାସହ ଆକ୍ଟନ୍ ରାଜ୍ୟର ପ୍ରଥମ ମହିଳା ରାଜ୍ୟପାଳ ହୋଇଛନ୍ତି। ଭର୍ଜିନିଆର ଦଶମ ନିର୍ବାଚନମଣ୍ଡଳୀରୁ ସୁହାସ ସୁବ୍ରମଣ୍ୟମ୍ ୬୧.୫ ପ୍ରତିଶତରୁ ଅଧିକ ଭୋଟ୍ ପାଇ ରିପବ୍ଲିକାନ୍ ପ୍ରାର୍ଥୀ ଡେଭ୍ ବେକଓ୍ୱିଥ୍‌ଙ୍କୁ ପରାସ୍ତ କରିଛନ୍ତି। ସେ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ପରାମର୍ଶଦାତା ଭାବେ କାମ କରିଥିଲେ। ଫ୍ଲୋରିଡାର ୨୨ତମ ନିର୍ବାଚନମଣ୍ଡଳୀରୁ ପିଆ ଦାଣ୍ଡିଆ ରିପବ୍ଲିକାନ୍ ପ୍ରାର୍ଥୀ କେସି ଆସ୍କରଙ୍କୁ ପରାସ୍ତ କରିଛନ୍ତି। ସେ ୫୧.୮୭ ପ୍ରତିଶତ ଭୋଟ୍ ପାଇଛନ୍ତି। କାଲିଫର୍ଣ୍ଣିଆର ୧୭ଶ ନିର୍ବାଚନମଣ୍ଡଳୀରୁ ରୋ ଖାନ୍ନା ରିପବ୍ଲିକାନ୍ ପ୍ରାର୍ଥୀ ତଥା ଭାରତୀୟ ବଂଶୋଦ୍ଭବ ରିତେଶ ଟଣ୍ଡନ୍‌ଙ୍କୁ ପରାସ୍ତ କରି ପୁନର୍ବାର ବିଜୟୀ ହୋଇଛନ୍ତି। ୱାସିଂଟନର ସପ୍ତମ ନିର୍ବାଚନମଣ୍ଡଳୀରୁ ପ୍ରମିଳା ଜୟପାଲ ମଧ୍ୟ ରିପବ୍ଲିକାନ୍ ପ୍ରାର୍ଥୀ ନିରବ ସେଠ୍‌ଙ୍କୁ ହରାଇ ନିଜ ଆସନ ବଜାୟ ରଖିଛନ୍ତି। ସେ ୨୦୧୭ରୁ ଏହି ଆସନର ପ୍ରତିନିଧିତ୍ୱ କରୁଛନ୍ତି। କାଲିଫର୍ଣ୍ଣିଆର ତୃତୀୟ ନିର୍ବାଚନମଣ୍ଡଳୀରୁ ଅମି ବେରା ରବ୍ ଟକର୍‌ଙ୍କୁ ପରାସ୍ତ କରି ଅଷ୍ଟମଥର ପାଇଁ କଂଗ୍ରେସକୁ ନିର୍ବାଚିତ ହୋଇଛନ୍ତି। ଏହାବ୍ୟତୀତ ମେରିଲାଣ୍ଡର ଉପରାଜ୍ୟପାଳ ଅରୁଣା ମିଲର ରାଜ୍ୟପାଳ ୱେସ୍ ମୁର୍‌ଙ୍କ ସହ ପୁନର୍ବାର ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ନ୍ୟୁୟର୍କର ଆଟର୍ଣ୍ଣି ଜେନେରାଲ୍ ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀ ସରିଥା କୋମାଟିରେଡ୍ଡୀ ପରାସ୍ତ ହୋଇଛନ୍ତି। ନର୍ଥ କରୋଲିନାରେ ମହେଶ ଗଣୋରକର ମଧ୍ୟ ହାରିଛନ୍ତି। ଏହି ନିର୍ବାଚନରେ ଭାରତୀୟ ବଂଶୋଦ୍ଭବଙ୍କ ସଫଳତା ଆମେରିକା ରାଜନୀତିରେ ଏହି ସମୁଦାୟର ବଢ଼ୁଥିବା ଅଂଶଗ୍ରହଣକୁ ପ୍ରତିଫଳିତ କରିଛି।

ରାହୁଲ-ଖଡ଼ଗେଙ୍କଠାରୁ ଜବାବ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ସୁପ୍ରିମ୍‌କୋର୍ଟ ଅଭିମୁଖେ ବିରୋଧୀ ଦଳଗୁଡ଼ିକର ଶୋଭାଯାତ୍ରାକୁ ନେଇ ଦାଏର ଏକ ଆବେଦନ ଉପରେ ମଙ୍ଗଳବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଓ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କଠାରୁ ଜବାବ ମାଗିଛନ୍ତି ସୁପ୍ରିମ୍‌କୋର୍ଟ। ଗତ ଅକ୍ଟୋବର ୧୨ରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଦଳର ନେତା ଓ ସମର୍ଥକମାନେ ସୁପ୍ରିମ୍‌କୋର୍ଟ ଅଭିମୁଖେ ଶୋଭାଯାତ୍ରା କରିଥିଲେ। ଏହାଦ୍ୱାରା ଅଦାଲତ ନିକଟରେ ବିପୁଳ ଭିଡ଼ ହେବା ସହ ଜଣେ ଗର୍ଭବତୀ ସାମ୍ବାଦିକା ଆହତ ହୋଇଥିବା ଆବେଦନରେ ଅଭିଯୋଗ କରାଯାଇଛି। ଏହି ଆବେଦନରେ ଅଦାଲତ ପରିସର ଓ ଏହାର ଆଖପାଖରେ ରାଜନୈତିକ ଶୋଭାଯାତ୍ରା ଓ ପ୍ରତିବାଦକୁ ନିୟନ୍ତ୍ରଣ କରିବା ପାଇଁ ନିୟମ ପ୍ରଣୟନ କରିବାକୁ ଦାବି ହୋଇଛି। ଏଥିସହ ରାହୁଲ ଗାନ୍ଧୀ, ଖଡ଼ଗେ ଏବଂ ଅନ୍ୟ କେତେକ ବିରୋଧୀ ନେତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଆରମ୍ଭ କରିବାକୁ ମଧ୍ୟ ଆବେଦନକାରୀ ଦାବି କରିଛନ୍ତି। ସୁପ୍ରିମ୍‌କୋର୍ଟ ଏହି ପ୍ରସଙ୍ଗରେ ପୂର୍ବରୁ ନୋଟିସ୍ ଜାରି କରିଥିଲେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଅକ୍ଟୋବର ୧୬ରେ ଆବେଦନର ବିଚାର କରି ଜବାବ ମାଗିଥିଲେ। ତେବେ ସେତେବେଳେ ଅଦାଲତ ସ୍ପଷ୍ଟ କରିଥିଲେ ଯେ, ଏହି ପର୍ଯ୍ୟାୟରେ କାହା ବିରୋଧରେ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ କରାଯାଉନାହିଁ। ପକ୍ଷମାନଙ୍କ ଜବାବ ମିଳିବା ପରେ ମାମଲାର ପରବର୍ତ୍ତୀ ବିଚାର କରାଯିବ। ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଅଦାଲତ ପରିସରରେ ରାଜନୈତିକ ପ୍ରଦର୍ଶନ ନ୍ୟାୟିକ କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ। ତେଣୁ ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟଗୁଡ଼ିକ ନିକଟରେ ପ୍ରତିବାଦ ଓ ଶୋଭାଯାତ୍ରା ପାଇଁ ସ୍ପଷ୍ଟ ନିୟମ ରହିବା ଆବଶ୍ୟକ। ଏହି ଘଟଣା ସହ ଜଡ଼ିତ ସିସିଟିଭି ଦୃଶ୍ୟ ଓ ଅନ୍ୟ ଡିଜିଟାଲ୍ ପ୍ରମାଣ ସୁରକ୍ଷିତ ରଖିବାକୁ ମଧ୍ୟ ଅଦାଲତ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି।

SIR ନେଇ ସିଇସିଙ୍କୁ ସଞ୍ଜୟ ସିଂହଙ୍କ ଚିଠି: ସୁପ୍ରିମକୋର୍ଟଙ୍କ

ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ଦାବି



ନୂଆଦିଲ୍ଲୀ: ଆମ୍ ଆଦମୀ ପାର୍ଟିର ସାଂସଦ ସଞ୍ଜୟ ସିଂହ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେନ୍ଦ୍ର କୁମାରଙ୍କୁ ଏକ ଚିଠି ଲେଖି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ଏସଆଇଆର ପ୍ରକ୍ରିୟା ସମୟରେ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ଏବଂ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଏବଂ ଡୁପ୍ଲିକେଟ୍ (ଏଏସଡିଡି) ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟରମାନଙ୍କୁ ଭୋଟର ତାଲିକାରେ ପୁନଃ ଅନ୍ତର୍ଭୁକ୍ତ କରିବା ପାଇଁ ଗଣନା ଫର୍ମ ୮ ଦାଖଲ କରିବାକୁ ଅନୁମତି ଦିଆଯିବା ଉଚିତ୍। ସେ ବିଜେପିର ୩ କୋଟି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିଷୟରେ ଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରି ପଚାରିଛନ୍ତି, ଯଦି ଦେଶରେ ୩ କୋଟି ବାଂଲାଦେଶୀ ଅନୁପ୍ରବେଶକାରୀ ଅଛନ୍ତି, ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ଗତ ୧୨ ବର୍ଷ ଧରି କ'ଣ କରୁଛନ୍ତି? ସେମାନେ କ'ଣ ବସି ଘାସ କାଟୁଛନ୍ତି। ଅନୁପ୍ରବେଶକାରୀଙ୍କୁ ଏପର୍ଯ୍ୟନ୍ତ କାହିଁକି ବହିଷ୍କାର କରାଯାଇ ନାହିଁ? ସେ ଦାବି କରିଛନ୍ତି ଯେ, ସିଇସି ଜ୍ଞାନେଶ କୁମାର ୩ କୋଟି ନାମ ସାର୍ବଜନୀନ କରନ୍ତୁ। ନାମ ଦେଶ ସମ୍ମୁଖରେ ପ୍ରକାଶ କରନ୍ତୁ। ନଚେତ ମିଥ୍ୟା ପ୍ରଚାର କରିବା ବନ୍ଦ କରନ୍ତୁ।ସରକାର ଚୋର ଚୋର ମାଉସୀପୁଅ ଭାଇର ଖେଳ ଖେଳୁଛନ୍ତି । ମୁଁ ପ୍ରଥମ ଦିନରୁ କହିଆସୁଛି ଯେ ଏଥିରୁ କିଛି ବାହାରିବ ନାହିଁ, କାରଣ କିଏ ଚୋରି କରୁଛି? ବିଜେପି ଲୋକ। ଚୋରିର ଷଡ଼ଯନ୍ତ୍ର କିଏ କରୁଛି? ବିଜେପି ଲୋକ। ସେହି ଚୋରି ଟଙ୍କାରେ କିଏ ବଡ଼ ବଡ଼ କାର୍ଯ୍ୟାଳୟ ନିର୍ମାଣ କରୁଛି? ବିଜେପି ଲୋକ। ସେହି ଚୋରି ଟଙ୍କାରେ ସାଂସଦ ଏବଂ ବିଧାୟକଙ୍କୁ କିଏ କିଣୁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ହରଦୀପ ପୁରୀ



ନୂଆଦିଲ୍ଲୀ : କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ ଆଗାମୀ ରାଜ୍ୟସଭା ନିର୍ବାଚନରେ ମଧ୍ୟପ୍ରଦେଶରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ । ୨ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ରକୁ ନିର୍ବାଚନ ଅଧିକାରୀ ରଦ୍ଦ କରିଦେବା ପରେ ଏହା ସ୍ପଷ୍ଟ ହୋଇଛି । ସୂଚନାନୁଯାୟୀ, ପ୍ରାର୍ଥିପତ୍ର ଯାଞ୍ଚର ଶେଷ ଦିନରେ ୨ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ରାଜକୁମାର ଲୋହାନୀ ଓ କାନ୍ତେ ସୟାନ୍‌ଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାଖ୍ୟାତ ହୋଇଯାଇଛି । ଇତିମଧ୍ୟରେ କଂଗ୍ରେସ ନେତା ହେମନ୍ତ କଟାରେଙ୍କ ସମେତ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୀଙ୍କ ପ୍ରାର୍ଥିପତ୍ରକୁ ବିରୋଧ କରିଛନ୍ତି । ଫର୍ମ-୨୬ରେ ଦାଖଲ ତାଙ୍କ ସତ୍ୟପାଠ ଅବୈଧ ଏବଂ ଅସମ୍ପୂର୍ଣ୍ଣ ବୋଲି ସେମାନେ ଅଭିଯୋଗ କରିଛନ୍ତି । ତେବେ ନିର୍ବାଚନ ଅଧିକାରୀ ଉମେଶ ଶର୍ମା ଅଭିଯୋଗଗୁଡ଼ିକର ଯାଞ୍ଚ କରିବା ପରେ କହିଛନ୍ତି ଯେ ପୁରୀ ଜନପ୍ରତିନିଧି ଆଇନର କୌଣସି ବ୍ୟବସ୍ଥାର ଉଲ୍ଲଂଘନ କରିନାହାନ୍ତି । ତାଙ୍କ ପ୍ରାର୍ଥିପତ୍ରରେ କୌଣସି ତ୍ରୁଟି ନଥିବା ନିର୍ବାଚନ ଅଧିକାରୀ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ, କଂଗ୍ରେସ ଏହାକୁ ଭାରତୀୟ ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ଅଭିହିତ କରିଛି । ଏହା ବିରୋଧରେ ଦଳ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କଂଗ୍ରେସ ବିଧାୟକ ଆତିଫ ଅକିଲ ଏକ ବିବୃତି ଜାରି କରି କହିଛନ୍ତି ।

ମୋଦୀଙ୍କ ସହ ରାହୁଲଙ୍କ ବିତର୍କ ଆହ୍ୱାନର ଜବାବ ଦେଲେ ରିଜିଜୁ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶୀ ସହାୟତାରେ କ୍ଷମତାକୁ ଆସିଥିବା ଏବଂ ଏବେ ମଧ୍ୟ ବିଦେଶୀ ଶକ୍ତିଙ୍କ ସମର୍ଥନରେ ପଦବିରେ ରହିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ରାଜନୈତିକ ବାଗ୍‌ଯୁଦ୍ଧ ତୀବ୍ର ହୋଇଛି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ରାହୁଲଙ୍କୁ କଟାକ୍ଷ କରି କହିଛନ୍ତି ଯେ, ତାଙ୍କ ଅଭିଯୋଗ ଭାରତୀୟ ପତାକା ଧରିଥିବା ବିଚ୍ଛିନ୍ନତାବାଦୀଙ୍କ ଭଳି। ଏହା ଦେଶର ଶତ୍ରୁମାନଙ୍କ ଏଜେଣ୍ଡାକୁ ଆଗକୁ ବଢ଼ାଇବା ସହ ସମାନ ବୋଲି ସେ ଅଭିଯୋଗ କରିଛନ୍ତି। ସୋମବାର ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ମୋଦୀଙ୍କୁ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଥିଲେ। ଭାରତର ଆର୍ଥିକ ବ୍ୟବସ୍ଥା ବିଦେଶୀଙ୍କ ନିୟନ୍ତ୍ରଣ ଓ ସମର୍ଥନରେ ରହିଥିବା ଏବଂ ବିଦେଶୀ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ମୋଦୀଙ୍କୁ ସମର୍ଥନ କରୁଥିବା ସେ ଅଭିଯୋଗ କରିଥିଲେ। ଯେକୌଣସି ମଞ୍ଚରେ ଓ ଯେକୌଣସି ସମୟରେ ବିତର୍କ ପାଇଁ ସେ ପ୍ରସ୍ତୁତ ବୋଲି ରାହୁଲ କହିଥିଲେ।ମଙ୍ଗଳବାର ଏହାର ଜବାବ ଦେଇ ରିଜିଜୁ କହିଥିଲେ, ଇସ୍‌ଲାମୀୟ ମୌଳବାଦୀମାନେ ଧର୍ମନିରପେକ୍ଷତାର କଥା କହିବା, ବିଚ୍ଛିନ୍ନତାବାଦୀମାନେ ଭାରତୀୟ ପତାକା ଧରିବା ଏବଂ ଅରାଜକତାବାଦୀମାନେ ସମ୍ବିଧାନର ବହି ଦେଖାଇବା ଭଳି ରାହୁଲଙ୍କ ଆଚରଣ। ଭାରତର ଶତ୍ରୁମାନଙ୍କ ଏଜେଣ୍ଡାକୁ ଆଗକୁ ବଢ଼ାଇବା ସହ ଅନ୍ୟମାନଙ୍କ ଉପରେ ବିଦେଶୀ ସମର୍ଥନର ଅଭିଯୋଗ ଆଣିବା ନିଜକୁ ନିଜେ ଉପହାସ କରିବା ସହ ସମାନ ବୋଲି ସେ କହିଛନ୍ତି। ଉଚ୍ଚସ୍ତରୀୟ ବିତର୍କ ପରିପକ୍ୱ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥାଏ ବୋଲି ମଧ୍ୟ ରିଜିଜୁ ମତ ଦେଇଛନ୍ତି। ଏହି ବିବାଦର ଆରମ୍ଭ ଗତ ଶନିବାର ଗୁଜରାଟରେ ଜାତୀୟ ଏକତା ଦିବସ କାର୍ଯ୍ୟକ୍ରମରେ ମୋଦୀଙ୍କ ଭାଷଣରୁ ହୋଇଥିଲା। ବିରୋଧୀ ଦଳଗୁଡ଼ିକ ସରକାରଙ୍କ ନୀତିକୁ ସମାଲୋଚନା କରିବା ପରିବର୍ତ୍ତେ ଦେଶର ବିକାଶରେ ବାଧା ସୃଷ୍ଟି କରୁଥିବା ମୋଦୀ ଅଭିଯୋଗ କରିଥିଲେ। ବିରୋଧୀ ଦଳ ଏବେ 'ବିରୋଧୀ ପକ୍ଷ' ପରିବର୍ତ୍ତେ 'ଅବରୋଧ ପକ୍ଷ' ପାଲଟିଛି ବୋଲି ସେ କହିଥିଲେ। ବିଦେଶରେ କିଏ କାହାକୁ ଗୁପ୍ତରେ ଭେଟୁଛି ଏବଂ ଭାରତବିରୋଧୀ ଶକ୍ତି କାହାକୁ ସମର୍ଥନ କରୁଛନ୍ତି, ତାହା ଚିହ୍ନଟ କରିବା ଆବଶ୍ୟକ ବୋଲି ମୋଦୀ କହିଥିଲେ। ଏହାର ଜବାବରେ ରାହୁଲ ମୋଦୀଙ୍କ ଉପରେ ବିଦେଶୀ ସହାୟତା ନେଇ ପାଲଟା ଅଭିଯୋଗ ଆଣିବା ସହ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି। ଏହାକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ଆକ୍ରମଣ-ପ୍ରତିଆକ୍ରମଣ ଜାରି ରହିଛି।

ଦୀପାବଳି ପରେ ବିଜେପି-ଅକାଳୀ ଦଳ ମେଣ୍ଟ!

୨୦୨୭ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର



ଅମୃତସର: ପଞ୍ଜାବ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ମିଳିଛି। ଦୀର୍ଘଦିନର ପୁରୁଣା ରାଜନୈତିକ ସହଯୋଗୀ ବିଜେପି ଓ ଶିରୋମଣି ଅକାଳୀ ଦଳ ପୁଣିଥରେ ହାତ ମିଳାଇବାକୁ ଯାଉଛନ୍ତି। ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଉଭୟ ଦଳ ମେଣ୍ଟ କରିବାକୁ ଯାଉଥିବା ଜଣାପଡ଼ିଛି। ଏପରିକି ଦୁଇ ଦଳ ମଧ୍ୟରେ ଆସନ ବୁଝାମଣା ମଧ୍ୟ ଚୂଡ଼ାନ୍ତ ହୋଇସାରିଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି। ସୂଚନାନୁଯାୟୀ, ମେଣ୍ଟ ପାଇଁ ଏକ ସର୍ତ୍ତ ରଖାଯାଇଛି। ପଞ୍ଜାବରେ ସରକାର ଗଠନ ହେଲେ ମୁଖ୍ୟମନ୍ତ୍ରୀ ପଦ ଅକାଳୀ ଦଳକୁ ମିଳିବ। ଅନ୍ୟପକ୍ଷରେ ବିଜେପି ଏଥର ପୂର୍ବାପେକ୍ଷା ଅଧିକ ଆସନରେ ପ୍ରାର୍ଥୀ ଦେବାକୁ ଯୋଜନା କରୁଛି। ଦଳ ୩୫ରୁ ୪୦ଟି ଆସନରେ ପ୍ରାର୍ଥୀ ଦେଇପାରେ। ଅକାଳୀ ଦଳ ବାକି ୬୭ଟି ଆସନରେ ନିର୍ବାଚନ ଲଢ଼ିବା ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ, ୧୯୯୭ରୁ ୨୦୧୭ ପର୍ଯ୍ୟନ୍ତ ମେଣ୍ଟରେ ଥିବାବେଳେ ବିଜେପି ମାତ୍ର ୨୩ଟି ଆସନରେ ନିର୍ବାଚନ ଲଢୁଥିଲା। କିନ୍ତୁ ଏଥର ଦଳ ମେଣ୍ଟରେ ସମାନ ଅଧିକାର ଦାବି କରିଛି। ମେଣ୍ଟ ସଂକ୍ରାନ୍ତରେ ଦୀପାବଳି ପରେ ଔପଚାରିକ ଘୋଷଣା ହୋଇପାରେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭଟିଣ୍ଡାରେ ଏକ ରାଲି କରିବେ। ଏଥିରେ ଉଭୟ ଦଳର ବରିଷ୍ଠ ନେତା ଗୋଟିଏ ମଞ୍ଚରେ ଉପସ୍ଥିତ ରହିବେ। ନିକଟରେ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ୨୦୨୭ ସୁଦ୍ଧା ପଞ୍ଜାବରେ ଏନ୍‌ଡିଏ ସରକାର ଗଠନ ହେବ ବୋଲି ଦାବି କରିଥିଲେ। ଏହି ମେଣ୍ଟରେ ବିଦ୍ରୋହୀ ଅକାଳୀ ଦଳ ମଧ୍ୟ ସାମିଲ ହୋଇପାରେ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା। କିନ୍ତୁ ଏହାର ସମ୍ଭାବନା କମ୍ ଥିବା କୁହାଯାଉଛି। କାରଣ ଏହି ଗୋଷ୍ଠୀ ଏପର୍ଯ୍ୟନ୍ତ ପଞ୍ଜିକୃତ ରାଜନୈତିକ ଦଳର ମାନ୍ୟତା ପାଇନାହିଁ। ତେଣୁ ନିର୍ବାଚନ ଲଢ଼ିବା ପାଇଁ ଏହାକୁ ବିଜେପି କିମ୍ବା ଅକାଳୀ ଦଳ ଉପରେ ନିର୍ଭର କରିବାକୁ ପଡ଼ିପାରେ। ଅନ୍ୟପକ୍ଷରେ, ମେଣ୍ଟ ପରେ ଅକାଳୀ ଦଳକୁ କେନ୍ଦ୍ର ସରକାରରେ ଏକ ବଡ଼ ରାଜନୈତିକ ଉପହାର ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ସୁଖବୀର ସିଂହ ବାଦଲଙ୍କ ପତ୍ନୀ ହରସିମରତ କୌର ବାଦଲ ପୁଣିଥରେ ମୋଦୀ କ୍ୟାବିନେଟ୍‌ରେ ସାମିଲ ହୋଇ ମନ୍ତ୍ରିପଦ ପାଇପାରନ୍ତି। ହରସିମରତ ମଧ୍ୟ ପୂର୍ବରୁ ଏନେଇ ସଙ୍କେତ ଦେଇସାରିଛନ୍ତି।

କୋଟିଆରେ ନିର୍ବାଚନ; ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଓଡ଼ିଶା ହାତରୁ ଧିରେ ଧିରେ କୋଟିଆ ଖସି ଯାଉଥିବା ଭଳି ଲାଗୁଛି। ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏ ନେଇ ନଭେମ୍ବର ୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖଛନ୍ତି ନବୀନ ନବୀନ ଲେଖିଛନ୍ତି, ଇସ୍ତାହାରର ପ୍ରତିଶ୍ରୁତି ଅନୁଯାୟୀ 'କୋଟିଆ'ର ସମାଧାନ କରାଯାଉ। ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ରକ୍ଷା ସହ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କେନ୍ଦ୍ର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିବାକୁ ନବୀନ ଆହ୍ୱାନ ଦେଇଛନ୍ତି ।ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ଯେ, ଗତ ଅକ୍ଟୋବର ୧୯ ତାରିଖରେ ସେ କୋଟିଆ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବରୁ ଚିଠି ଲେଖିଥିଲେ। ଏହାର ଉତ୍ତର ଅକ୍ଟୋବର ୨୭ ତାରିଖରେ ମିଳିଥିଲା । ହେଲେ ଏହା ପରେ ମଧ୍ୟ କୋଟିଆର ସ୍ଥିତିରେ କୌଣସି ସୁଧାର ଆସିନାହିଁ । ବରଂ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଅଧିକାରୀଙ୍କ ମଧ୍ୟରେ ଉତ୍ତେଜନା ଏବଂ ମୁହାଁମୁହିଁ ସ୍ଥିତି ବଢ଼ୁଥିବା ନେଇ ରିପୋର୍ଟ ମିଳୁଥିବା ସେ କହିଛନ୍ତି ।ଓଡ଼ିଶା କଥା ଚିନ୍ତା ନ କରି ଆନ୍ଧ୍ର ଜବରଦସ୍ତ ନିର୍ବାଚନ କରୁଥିବାରୁ ନବୀନ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏଭଳି ପଦକ୍ଷେପ ଓଡ଼ିଶା ପାଇଁ ଗଭୀର ଚିନ୍ତାର ବିଷୟ । ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ଏନ୍‌ଡ଼ିଏ ସର୍କାର ଅଛି । ତେଣୁ ସ୍ଥିତି ଜଟିଳ ହେବା ପୂର୍ବରୁ ରାଜ୍ୟ ସରକାର ଏହାର ସମାଧାନ ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି ।ରାଜ୍ୟର ସୀମା ଓ ଭୌଗୋଳିକ ଅଖଣ୍ଡତାର ସୁରକ୍ଷା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ନବୀନ ଦାବି କରିଛନ୍ତି ।

ସମ୍ପାଦକୀୟ .....

ଜନଗଣନାରେ ଓବିସି ଦ୍ୱନ୍ଦ୍ୱ

୦୨୧ ମସିହାରେ ହେବାକୁ ଥିବା ଜନଗଣନା ୨୦୨୬ ମସିହାରେ ଆରମ୍ଭ ହୋଇଛି। ୨୦୨୭ରେ ସମାପ୍ତ ହେବ। ଏହାପରେ କେତେଦିନ ପରେ ସମ୍ପୂର୍ଣ୍ଣ ପରିସଂଖ୍ୟାନ ପ୍ରକାଶ ପାଇବ ତାହା ଏବେଠାରୁ କହିହେବ ନାହିଁ। ଏହା ଜାତିଭିତ୍ତିକ ଜନଗଣନା ହେବ। ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ଦାବିହୋଇ ଆସୁଥିଲା। ବିଶେଷକରି ଓବିସି ସଂଗଠନ ଓ ସମର୍ଥିତ ରାଜନୈତିକ ଦଳଗୁଡ଼ିକ ଦାବିକରି ଆସୁଥିଲେ। ଜନମତ ସମ୍ମୁଖରେ ମୁଣ୍ଡ ନୁଆଁଇ କେନ୍ଦ୍ର ସରକାର ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ବିଭିନ୍ନ ବିନ୍ଦୁକୁ ନେଇ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଜନଗଣନା ଫର୍ମରେ ଥିବା ପ୍ରଶ୍ନାବଳୀକୁ ନେଇ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ସନ୍ଦେହରେ ଅଛନ୍ତି। କାରଣ ଏହି ଫର୍ମର ସୂଚୀରେ ଓବିସି କଲମ ନାହିଁ। ଓଡ଼ିଶାରେ ଏହା ଏସ୍‌ଇବିସି ହେବା କଥା। ଏହି ସୂଚୀରେ ଏସ୍‌ଟି ଓ ଏସ୍‌ସି କଲମ ରହିଛି। ତେଣୁ ଜନଗଣନା ପରେ ଦେଶରେ କିମ୍ବା ରାଜ୍ୟରେ ଓବିସି/ଏସ୍‌ଇବିସିଙ୍କ ସାମଗ୍ରିକ ସଂଖ୍ୟା କେତେ ତାହା ଜଣାପଡିବ ନାହିଁ। ବିଭିନ୍ନ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଓବିସି କଲମ ରଖିବାକୁ ଦାବି ହେଉଛି।ସଂଶୟ ପ୍ରକାଶ ପାଉଛି ଯେ ତଥ୍ୟ ସଂଗ୍ରହ ଫର୍ମରେ ଓବିସି କଲମ ନ ରଖିବା ପଛରେ କିଛି ଚକ୍ରାନ୍ତ ନାହିଁ ତ ? ୨୦୧୧ ଜନଗଣନାରେ ତଥ୍ୟଗତ ତ୍ରୁଟି ଦର୍ଶାଇ ଜାତି ସମ୍ବନ୍ଧିତ ପରିସଂଖ୍ୟାନକୁ ପ୍ରକାଶ କରାଗଲା ନାହିଁ। ସେହିପରି ବିଭିନ୍ନ ଆଳ ଓ ତ୍ରୁଟି ଦର୍ଶାଇ ଓବିସି/ଏସ୍‌ଇବିସିଙ୍କ ସଂଖ୍ୟା ଅପ୍ରକାଶିତ ରଖିବାର ଚକ୍ରାନ୍ତ ନାହିଁ ତ ? କୁହାଯାଉଛି ଜନଗଣନା ପରେ ଓବିସି/ଏସ୍‌ଇବିସି ଅନ୍ତର୍ଗତ ଜାତିମାନଙ୍କ ସଂଖ୍ୟାକୁ ସମ୍ମିଶ୍ରିତକରି ଏମାନଙ୍କ ସାମଗ୍ରିକ ସଂଖ୍ୟା ତାଲିକା ପ୍ରସ୍ତୁତ କରାଯିବ। କିନ୍ତୁ ପ୍ରଶ୍ନ ହେଉଛି ଏହା କେତେଦୂର ପାରଦର୍ଶୀ ହେବ ? ଏହା ଯଦି କରିବାର ଅଛି ତେବେ ମୂଳରୁ ଓବିସି/ଏସ୍‌ଇବିସି କଲମ ରଖିଲେ ଅସୁବିଧା କେଉଁଠି ? ତଥ୍ୟ ସଂଗ୍ରହ ଫର୍ମରେ ଏସ୍‌ଟି ଓ ଏସ୍‌ସିଙ୍କ କ୍ରମ ରହିଛି। ତେଣୁ ଜନଗଣନା ପରେ ଏମାନଙ୍କ ସଂଖ୍ୟା ସ୍ପଷ୍ଟ ଜଣାପଡ଼େ। କିନ୍ତୁ ଓବିସି/ଏସ୍‌ଇବିସିଙ୍କ ସଂଖ୍ୟା ଜଣାପଡିବ ନାହିଁ। ଏଥିପାଇଁ ଅପେକ୍ଷା କରିବାକୁ ପଡ଼ିବ। ପୁଣି ଏହି ବର୍ଗର ସାମଗ୍ରିକ ଆର୍ଥିକ, ଶିକ୍ଷାଗତ ଓ ଚାକିରି କ୍ଷେତ୍ରରେ ଭାଗୀଦାରି ମଧ୍ୟ ସ୍ପଷ୍ଟ ହୋଇପାରିବ ନାହିଁ। ଜାଣିଶୁଣି ଏସବୁ ତଥ୍ୟକୁ ଲୁଚାଇବାର ପ୍ରଚେଷ୍ଟା ହେଉ ନାହିଁ ତ ?ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ ପାଇଁ ଅପରିହାର୍ଯ୍ୟ। ଏହାଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ଠିକ୍ ତଥ୍ୟ ମିଳିପାରିବ। ଏହା କେବଳ ପରିସଂଖ୍ୟାନକୁ ସୂଚିତ କରିବ ତାହା ନୁହେଁ, ଏହା ସହ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ୍ୟ ସୂଚିତ କରିବ। ଫଳରେ ବିକାଶର ଦୌଡ଼ରେ କେଉଁ ଜାତି ଓ କେଉଁ ବର୍ଗ କେତେ ଆଗେଇଛି ଏବଂ କେଉଁ ଜାତି ଓ କେଉଁ ବର୍ଗ କେତେ ପଛରେ ପଡ଼ିଯାଇଛି ତାହା ତଥ୍ୟ ସହ ଉପଲବ୍ଧ ହେବ। ଏପରି କ୍ଷେତ୍ରରେ ତୁଳନାତ୍ମକଭାବେ ପଛରେ ପଡ଼ିଥିବା ଜାତି ଓ ବର୍ଗଗୁଡ଼ିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇପାରିବେ। ଏହି ଜନଗଣନା ଦ୍ୱାରା ବିଭିନ୍ନ ବର୍ଗର ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହେବା ଜରୁରୀ। ଅନ୍ୟଥା ବର୍ଗଗତ ସଂରକ୍ଷଣ କ୍ଷେତ୍ରରେ ଏହା ସହାୟକ ହେବ ନାହିଁ। ଜନଗଣନା ଫର୍ମରେ ଓବିସି/ଏସ୍‌ଇବିସି କଲମ ନ ଥିବା ଯୋଗୁ ଏହି ବର୍ଗର ସାମଗ୍ରିକ ସ୍ଥିତି ଉପଲବ୍ଧ ହେବ ନାହିଁ। ଫଳରେ ଏହି ବର୍ଗର ସଂରକ୍ଷଣ ବୃଦ୍ଧି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ନାହିଁ। କାରଣ ଓବିସି ସମ୍ବନ୍ଧିତ ବିଭିନ୍ନ କେସ୍‌ରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ଗୁରୁତ୍ୱ ଦେବା ଦେଖାଯାଇଛି।ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି। ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ। ଓଡ଼ିଶାରେ ସାମାଜିକ ଓ ଆର୍ଥିକଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଓବିସିର ଏକ ପରିବର୍ଦ୍ଧିତ ରୂପ। ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ, ସେମାନେ ଚାକିରି ଓ ପ୍ରଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ୱଚ୍ଛଚିତ୍ର ମିଳିପାରିବ। କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତଠାରୁ ତଳେ ଥିଲେ ଆନୁପାତିକ ପ୍ରତିନିଧିତ୍ୱ ପାଇଁ ପଦକ୍ଷେପ ନିଆଯାଇ ପାରିବ। ପ୍ରଚଳିତ ଜନଗଣନା ପ୍ରଶ୍ନ ସମ୍ବଳିତ ଫର୍ମରେ ଯେହେତୁ ଓବିସି/ଏସ୍‌ଇବିସି କଲମ ନାହିଁ ତେଣୁ ଏମାନେ କେତେ ଶତାଂଶ ଶାସନ ଓ ପ୍ରଶାସନରେ ଏବଂ କେତେ ଶତାଂଶ ବାଣିଜ୍ୟ/ବ୍ୟବସାୟ ଓ କୌଳିକ ବୃତ୍ତିରେ ଅଛନ୍ତି ତାହା ଉପଲବ୍ଧ ହେବନାହିଁ। ଫଳରେ ଦୁର୍ବଳ ଥିବା କ୍ଷେତ୍ରରେ ଏମାନଙ୍କୁ ଆଗକୁ ଆଣିବା ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ।

କୋଟିଆ ଓ ମହାନଦୀ

କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଲାଗି ରହିଥିବା ବିବାଦ ବହୁ ପୁରୁଣା। ଏହାର ୨୮ ଗାଁ ମଧ୍ୟରୁ ୨୧ଟି ଗ୍ରାମକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମୁହାଁମୁହିଁ ହେଉଛନ୍ତି। ଓଡ଼ିଶା ସମ୍ପୃକ୍ତ ଅଞ୍ଚଳକୁ କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କହୁଥିବା ବେଳେ ଆନ୍ଧ୍ରପ୍ରଦେଶ ତାହାକୁ ପାର୍ବତୀପୁରମ୍ ମାନ୍ୟମ୍ ଜିଲାର ସାଲୁର ବ୍ଲକ ଅଧୀନରେ ଆସୁଥିବା ଦର୍ଶାଇ ଚାଲୁଛି। ୧୯୬୮ରୁ ଉଭୟ ରାଜ୍ୟ ସୁପ୍ରିମ୍‌କୋର୍ଟକୁ ଗଲାପରେ ଏହି ବିବାଦର ମୂଳଦୁଆ ପଡ଼ିଥିଲା। ସଦ୍ୟ ଘଟଣାକୁ ଦେଖିଲେ ଆନ୍ଧ୍ରପ୍ରଦେଶ ନଭେମ୍ବର ୫ରେ ବିବାଦୀୟ ଅଞ୍ଚଳର ୩ଟି ଗାଁ ଯଥା ଫଗୁଣସିନେରି, ଫାଟୁସିନେରି ଏବଂ ଓଡ଼ିଶାର ରାଜସ୍ୱ ଗ୍ରାମ ଗଞ୍ଜେଇପଦର (ଆନ୍ଧ୍ର ପଞ୍ଚାୟତ ଅଧୀନରେ ରହିଥିବା ନେରେଡିବାଲ୍‌ସା ଗ୍ରାମ)ରେ ଜିଲା ପରିଷଦ ଓ ସମିତି ସଭ୍ୟ ନିର୍ବାଚନ କରିବାକୁ ଯାଉଛି। ସୀମାନ୍ତ ଗ୍ରାମର ଲୋକମାନେ କିଭଳି ନିର୍ବାଚନରେ ଭାଗ ନେବେ, ସେଥିଲାଗି ଆନ୍ଧ୍ର ପ୍ରଶାସନ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ହେଲେ ପଡ଼ୋଶୀ ରାଜ୍ୟର ଏଭଳି ଉଦ୍ୟମକୁ ଓଡ଼ିଶା ବିରୋଧ କରିବାରୁ ୩ ନଭେମ୍ବରରେ ସେହି ଅଞ୍ଚଳରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଛି। କୋଟିଆ ବ୍ଲକ ନେରେଡିବାଲ୍‌ସା ଚେକ୍ ପୋଷ୍ଟ ନିକଟରୁ ଆନ୍ଧ୍ରପ୍ରଦେଶ ପଞ୍ଜୀକୃତ ଏକ ଚାଉଳ ବୋଝେଇ ଟ୍ରକକୁ ଓଡ଼ିଶା ପୋଲିସ ଜବତ କରିବାର ଦିନକ ପରେ ଆନ୍ଧ୍ର ପୋଲିସର କେତେକ କର୍ମଚାରୀ କୋରାପୁଟ ଉପଜିଲାପାଳ ଓ ପଟ୍ଟାଙ୍ଗୀ ତହସିଲଦାରଙ୍କ ସହ ଯୁକ୍ତିତର୍କ କରିଛନ୍ତି। ଘଟଣାସ୍ଥଳରେ ଆନ୍ଧ୍ର ପୋଲିସକୁ କେତେକ ସ୍ଥାନୀୟ ଅଞ୍ଚଳବାସୀ ସମର୍ଥନ କରି ଓଡ଼ିଶା ପୋଲିସକୁ 'ଗୋ ବ୍ୟାକ୍' କହିଥିବା ଗଣମାଧ୍ୟମରୁ ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତି ଉପୁଜିବାରେ ଓଡ଼ିଶା ପ୍ରଶାସନ ମୁଖ୍ୟତଃ ଦାୟୀ। କେବଳ କୋରାପୁଟ ଜିଲାର କୋଟିଆ ନୁହେଁ, ଓଡ଼ିଶାର ପ୍ରାୟ ୯ଟି ସୀମାନ୍ତ ଜିଲାରେ ଏହିଭଳି ସମସ୍ୟା ଲାଗିରହିଛି।କୋଟିଆରେ ଏଭଳି ସ୍ଥିତିକୁ ଦେଖି ଓଡ଼ିଶା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ଆନ୍ଧ୍ର ପ୍ରଦେଶ ସରକାର ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିଛନ୍ତି। ଓଡ଼ିଶା କଥା ଦେଖିଲେ ପୂର୍ବର ବିଜୁ ଜନତା ଦଳ (ବିଜେଡି) ସରକାର ଓ ଏବର ଭାରତୀୟ ଜନତା ପାର୍ଟି (ଭାଜପା) ସରକାର ଏହି ପ୍ରସଙ୍ଗରେ ଦୋଷ ଲଦାଲଦି ହେବା ଛଡ଼ା କୌଣସି ଅଗ୍ରଗତି ଘଟିଲା ନାହିଁ। ଏବେ ଆନ୍ଧ୍ର ପ୍ରଦେଶର ଶାସକ ଦଳ ଟିଡିପି କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ସମର୍ଥନ କରୁଛି ଏବଂ ମନ୍ତ୍ରିମଣ୍ଡଳରେ ଅଂଶୀଦାର ଅଛି। ତେଣୁ ସୀମା ବିବାଦକୁ ନେଇ କେନ୍ଦ୍ର ମଧ୍ୟସ୍ଥତାରେ ସମାଧାନର ବାଟ ବାହାର କରାଯାଇପାରନ୍ତା। ବର୍ତ୍ତମାନ ମହାନଦୀ ଜଳ ବିବାଦର ସମାଧାନ ଲାଗି ଓଡ଼ିଶା ଓ ଛତିଶଗଡ଼ ସରକାର କେନ୍ଦ୍ର ମାଧ୍ୟମରେ ପଦକ୍ଷେପ ନେଉଛନ୍ତି। ତାହାର ଫଳାଫଳ କ'ଣ ହେବ ସେ ବିଷୟରେ ଏବେ ମତ ଦେବା କଷ୍ଟକର। କାରଣ ୧୯୪୭କୁ ଆଧାର କରି ୪୮ ନିୟୁତ ଏକର ଫୁଟ ଜଳ ଓଡ଼ିଶା ପାଉଛି ବୋଲି ଯାହା ଆକଳନ କରାଯାଇଛି, ଆଜିର ବାସ୍ତବତା ସହିତ କୌଣସି ଭାବେ ମେଳ ରଖୁନାହିଁ। ସେଥିପାଇଁ କେନ୍ଦ୍ରୀୟ ଜଳ ଆୟୋଗର ଯାହା ନିଷ୍ପତ୍ତି ହେବ, ସେ ସମ୍ପର୍କରେ ସନ୍ଦେହ ଉପୁଜିବା ଯଥାର୍ଥ।

ଧନ ମାଗୁଅଛି-ଜନ ମାଗୁଅଛି

ଜୀବନ ପ୍ରବାହର ଗତିପଥକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ପାଇଁ ମଣିଷ ଅନେକ କିଛି ଆପଣେଇ ନେଇଥାଏ, ଭୁଲ ଠିକ୍‌ର ନିର୍ଣ୍ଣୟ କରି ସମୟୋଚିତ ପଦକ୍ଷେପ ମଧ୍ୟ ନେଇଥାଏ, ଯାହା ଥାଏ ଜୀବନ ଶୃଙ୍ଖଳାର ଧାରା। ମାତ୍ର ଅନେକ ସମୟରେ ମଣିଷ ଅନେକ କ୍ଷେତ୍ରରେ ନିର୍ଣ୍ଣୟ ଭୁଲ କରିଥାଏ ଓ ବ୍ୟବସ୍ଥାକୁ ଅଣଦେଖା କରି ସ୍ୱାର୍ଥରେ ନିମଜ୍ଜିତ ହୋଇ ବାସ୍ତବତାର ଜୀବନକୁ ଭୁଲି କଳୁଷିତ ହୋଇଯାଏ। ଜୀବଦ୍ଦଶା ମଧ୍ୟରେ ସେ ଧନକୁ ଗୁରୁତ୍ୱ ଦେଇଥାଏ। ମଣିଷର ଧନ ଆବଶ୍ୟକ। କିନ୍ତୁ ଅନେକ କ୍ଷେତ୍ରରେ ମଣିଷକୁ ଏବେ ଧନ କରାୟତ୍ତ କରି ଦେଇଛି। ଫଳରେ ମଣିଷର ଅନ୍ତରାତ୍ମାର ଦୃଷ୍ଟି ଦୃଶ୍ୟମାନ ହେଉନାହିଁ। ବଞ୍ଚିବାର ଅର୍ଥ ଆଦର୍ଶ, ନୀତି, ମାନବୀୟ ଗୁଣ, ସମର୍ପଣ, ଭକ୍ତି ଆଦିରେ ନିୟୋଜିତ ହେବା। ସେ ଦୃଷ୍ଟିରୁ ବିଚାର କଲେ ସ୍ୱାଧୀନତା ପୂର୍ବରୁ ବା ବିଂଶ ଶତାବ୍ଦୀର ମଧ୍ୟଭାଗ ପୂର୍ବରୁ ରହିଥିବା ମଣିଷର ସାମାଜିକ ସ୍ଥିତି, ବିଚାରଧାରା ତଥା ଜୀବନଶୈଳୀ ଏବେ ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଇଛି। ଏହା ସମସ୍ତେ ଅନୁଭବ କରୁଛୁ ତଥା କାର୍ଯ୍ୟରେ ଦେଖୁଛୁ। ବିଂଶ ଶତାବ୍ଦୀର ମଧ୍ୟଭାଗ ପୂର୍ବରୁ ମଣିଷ ନୈତିକ ମୂଲ୍ୟବୋଧରେ ରହି ସମାଜ , ଈଶ୍ୱର, ନୀତି ନିକଟରେ ଶରଣାପନ୍ନ ହେଉଥିଲା। ସେଥିପାଇଁ ଭକ୍ତ ଜଗନ୍ନାଥଙ୍କ ନିକଟରେ ନିବେଦନ କରିଥିଲେ 'ଜଗନ୍ନାଥ ହୋ କିଛି ମାଗୁ ନାହିଁ ତୋତେ, ଧନ ମାଗୁନାହିଁ ଜନ ମାଗୁ ନାହିଁ, ମାଗୁଛି ଶରଧା ବାଲିରୁ ହାତେ...। ଏଥିରେ ନିହିତ ରହିଛି ବ୍ୟକ୍ତିର ପାର୍ଥିବ ଉପଭୋଗ୍ୟ ବିଷୟ ପ୍ରତି ବିରାଗ ଓ ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବ। ବ୍ୟକ୍ତି ଏଠାରେ ଭଗବାନଙ୍କୁ କିଛି ମାଗି ନାହିଁ, ମାଗିଛି କେବଳ ଜୀବନର ଅନ୍ତିମ ଯାତ୍ରା ପରେ ଶରଧା ବାଲିରେ ବା ଭଗବାନଙ୍କ ଚରଣରେ ସ୍ୱଳ୍ପ ସ୍ଥାନ, ଯେଉଁଠି ସେ ସେବକ ହିସାବରେ ସମର୍ପଣ ହୋଇପାରିବ। ଜାଣି ରଖିବା ଉଚିତ ଯେ ପାର୍ଥିବ ଭୋଗ୍ୟ ବସ୍ତୁ ମଣିଷର ସାଥୀ ନୁହେଁ। ମାତ୍ର ମଣିଷ ଏକବିଂଶ ଶତାବ୍ଦୀରେ ଭଗବାନଙ୍କୁ ଦର୍ଶନ କରି ତାଙ୍କ ସହ ଚୁକ୍ତି କରୁଛି ବା ଦାବି କରୁଛି କିମ୍ବା ନିବେଦନ କରୁଛି -ମୋତେ ଏଇଟା ମିଳୁ, ମୋର ସେଇଟା ହେଉ, ମୋ ପିଲାର ଏହା ହେଉ ବା ମୋର ଆତ୍ମୀୟଙ୍କୁ ଏଇଟା ମିଳୁ।ଅନେକ ବ୍ୟାଖ୍ୟା ସୂଚିତ କରେ ଯେ, ଭିକ୍ଷା ପ୍ରକୃତରେ ବିଶ୍ୱାସର ଏକ ଗଭୀର ଅଭିବ୍ୟକ୍ତି ଓ ଅସୁବିଧା ସମୟରେ ସାହାଯ୍ୟ ପାଇଁ ଏକ ଆନ୍ତରିକ ନିବେଦନ। ଯେତେବେଳେ ମଣିଷ କଠୋର ପରିସ୍ଥିତିର ସମ୍ମୁଖୀନ ହୁଏ, ଯେଉଁଠି ମାନବ ଉଦ୍ୟମ ପର୍ଯ୍ୟାପ୍ତ ନୁହେଁ ବୋଲି ଅନୁଭବ ହୁଏ, ସେତେବେଳେ ସେ ଭଗବାନଙ୍କୁ 'ଭିକ୍ଷା' କରିବାକୁ ବାଧ୍ୟ ହୋଇଥାଏ। କେତେକ ଧାର୍ମିକ ଦୃଷ୍ଟିକୋଣ ଯୁକ୍ତି କରେ ଯେ ପ୍ରକୃତ ବିଶ୍ୱାସ 'ଭିକ୍ଷା' କରେ ନାହିଁ, ବରଂ ଈଶ୍ୱରଙ୍କ ସମ୍ପୂର୍ଣ୍ଣ ଇଚ୍ଛା ଓ ସ୍ନେହପୂର୍ଣ୍ଣ ଚରିତ୍ରରେ ବିଶ୍ୱାସ କରେ, ପ୍ରାର୍ଥନାକୁ ଏକ ନିରାଶା ନିବେଦନ ପରିବର୍ତ୍ତେ ଏକ ଆତ୍ମବିଶ୍ୱାସୀ ଅନୁରୋଧ ଭାବରେ ଦେଖାଯାଏ। ଯେଉଁମାନେ ନିଜକୁ ସାହାଯ୍ୟ କରନ୍ତି ସେମାନଙ୍କୁ ଭଗବାନ୍ ସାହାଯ୍ୟ କରନ୍ତି। ଏହି ଧାରଣା ସୂଚିତ କରେ ଯେ ବ୍ୟକ୍ତିବିଶେଷଙ୍କୁ ଉଦ୍ୟମ କରିବାକୁ ପଡିବ। ଈଶ୍ୱରଙ୍କ ଅନୁଗ୍ରହ ସହିତ ପରିଶ୍ରମ କରିବାକୁ ପଡିବ। ଦୁଃଖ ବା ସଙ୍କଟ ମୁହୂର୍ତ୍ତରେ ପ୍ରାର୍ଥନା ଏକ ସାଧାରଣ ପ୍ରତିକ୍ରିୟା। ନୈତିକ ଦ୍ୱନ୍ଦ୍ୱ ବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ସମ୍ମୁଖୀନ ହେବାବେଳେ ସ୍ୱଚ୍ଛତା ଓ ଜ୍ଞାନ ପାଇଁ ଈଶ୍ୱରଙ୍କ ନିକଟରେ ମଣିଷର ନିବେଦନ ହେଉଛି ବିଶ୍ୱାସର ଏକ ପ୍ରାକୃତିକ ଅଭିବ୍ୟକ୍ତି। ସରଳ ମୁହୂର୍ତ୍ତରେ ମଧ୍ୟ ଆଶୀର୍ବାଦ ପାଇଁ ଭଗବାନଙ୍କୁ ଗଭୀର କୃତଜ୍ଞତାର ସହ ଆତ୍ମ ନିବେଦନ କରାଯାଏ, ଯାହା ଈଶ୍ୱରଙ୍କ ସହିତ ସମ୍ପର୍କ ଓ ନିର୍ଭରଶୀଳତାକୁ ଦୃଢ଼ କରିଥାଏ। ତେବେ ସମସାମୟିକ ସମାଜରେ, ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ବେଳେବେଳେ 'ଭିକ୍ଷା' ଭାବରେ ବିବେଚନା କରାଯାଏ। ଏହା ଏକ ଆଧ୍ୟାତ୍ମିକ ଅଭ୍ୟାସ। ଯାହାର କିଛି ନ ଥାଏ ସେ ଜୀବନ ଧାରଣ ପାଇଁ ଅନନ୍ୟୋପାୟ ହୋଇ ଭିକ୍ଷାକୁ ଆଧାର କରି ଜୀବନ ନିର୍ବାହ କରେ। ଏଥିରେ ଥାଏ ନମ୍ରତା ତଥା ନିବେଦନ, ଯାହା ଥାଏ କେବଳ ବଞ୍ଚିବା ପାଇଁ ଉତ୍କଣ୍ଠା।ସାମ୍ପ୍ରତିକ ପରିସ୍ଥିତିରେ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନେ ଅଧିକ ଧନ, ବିଳାସ, ପ୍ରାଚୁର୍ଯ୍ୟ ପାଇଁ ଅନବରତ ଭଗବାନ୍‌ଙ୍କୁ ଭିକ୍ଷା ମାଗିଥାନ୍ତି। ନିଜର ଆଧିପତ୍ୟ ଜାହିର କରିବା ପାଇଁ ଅଧିକ କ୍ଷମତା ବା ସୁଯୋଗ ଦେବା ପାଇଁ ଭିକ୍ଷା କରନ୍ତି।। ତେଣୁ ତଦାନିନ୍ତନ ସମୟର ଧନ ମାଗୁନାହିଁ ଜନ ମାଗୁନାହିଁ ଚିନ୍ତାଧାରାକୁ ବିସର୍ଜନ ଦେଇ ସମ୍ପ୍ରତି ମଣିଷ ଧନ ଓ ଜନରେ ନିମଜ୍ଜିତ ହୋଇ ବିଶ୍ୱକୁ ନିଜ କବଳରେ ରଖିବାର ପ୍ରୟାସ କରୁଛି। ଏହା ହେଉଛି ଅପରିପକ୍ୱ ଦୁର୍ବଳ ମାନସିକତାର ପରିପ୍ରକାଶ। ସମ୍ପ୍ରତି ମନ୍ଦିର ଅଛି, ଭକ୍ତ ଅଛି ଭକ୍ତି ନ୍ୟୂନ; ଶିକ୍ଷା ଅଛି ଜ୍ଞାନ ନ୍ୟୂନ; ଚିନ୍ତା ଅଛି ଚରିତ୍ର ନ୍ୟୂନ; ନୀତି ଅଛି ନୈତିକତା ନ୍ୟୂନ ଏବଂ ଜାତି ଅଛି ଜାତୀୟତା ନ୍ୟୂନ ଇତ୍ୟାଦି ସାମାଜିକ ସ୍ଥିତିକୁ ଦୁର୍ବଳ କରିବାରେ ଲାଗିଛି। ଜୀବଦ୍ଦଶା ମଧ୍ୟରେ ଶ୍ୱଶୁର ଶାଶୁଙ୍କୁ ଯେତେବେଳେ ଉଚିତ ସମ୍ମାନ, ସୁଷମ ଖାଦ୍ୟ, ଆବଶ୍ୟକ ଯତ୍ନ ସେବା ବା ଭ୍ରମଣ ଆଦିର ସୁଯୋଗ ଦେଇ ନ ଥିବା ରୋଜଗାରକ୍ଷମ ପୁଅଝିଅ ବୋହୂ ଈଶ୍ୱରଙ୍କ ନିକଟରେ ଧନ ଜନ ଭିକ୍ଷା କରି ମାତା ପିତାଙ୍କ ମୃତ୍ୟୁ ପରେ ସେମାନଙ୍କ ଅସ୍ଥିକୁ ତୀର୍ଥସ୍ଥାନରେ ସଲିଳ କରିଥାନ୍ତି। ଅନେକ ହଜାର ଲୋକଙ୍କୁ ଭୋଜନରେ ଆପ୍ୟାୟିତ କରିଥାନ୍ତି, ଯାହା ହେଉଛି ସାମ୍ପ୍ରତିକ ସାମାଜିକ ଚିତ୍ରର ଧନ ଓ ଜନର ଆବଶ୍ୟକତା ଓ ସୁ-ପ୍ରୟୋଗ। ଅତଏବ ବାସ୍ତବତାର ଉପଯୁକ୍ତ ପ୍ରୟୋଗରେ ନୈତିକ ମୂଲ୍ୟବୋଧର ବିବେକାନୁମୋଦିତ ବିଚାରଧାରାର ଚିତ୍ରଣରେ ମଣିଷ ଧନ ମାଗୁଅଛି ଓ ଜନ ମାଗୁଅଛିର ଈଶ୍ୱରଙ୍କଠାରେ ଛଳନାପୂର୍ଣ୍ଣ ଭିକ୍ଷାରୁ ନିବୃତ୍ତ ରହି ସେହି ତଥାକଥିତ ଧନ ମାଗୁନାହିଁ ଓ ଜନ ମାଗୁନାହିଁରେ ନିମଜ୍ଜିତ ହେଲେ ଏ ସମାଜ ଲୋକଦେଖାଣିଆ ଈଶ୍ୱରଙ୍କ ସହ ଲୋକଦେଖାଣିଆ ଛଳନାପୂର୍ଣ୍ଣ ଚୁକ୍ତିରୁ ମୁକ୍ତି ହୋଇପାରିବ। ତେଣୁ ମଣିଷ ମାଗିବାର ନିହିତ ଶୈଳୀକୁ ସ୍ୱାର୍ଥ ରହିତ କରି ନୈତିକ ମୂଲ୍ୟବୋଧରେ ବିକ୍ରୟ ହେଲେ ନିଜକୁ ଆତ୍ମଶାନ୍ତିରେ ନିମଜ୍ଜିତ କରିପାରିବ ଯେଉଁଠି ଥିବ ସ୍ୱାର୍ଥର ପୂର୍ଣ୍ଣଚ୍ଛେଦ ଓ ସମର୍ପଣର ଭାବାବେଗ।

ସୁଖ-ଦୁଃଖ: ଶିକ୍ଷା ବନାମ ସରକାର

ସବୁ କାଳର ଚିନ୍ତାନାୟକମାନେ ଶିକ୍ଷାକୁ ବ୍ୟକ୍ତିର ସୁନ୍ଦର ସୌମ୍ୟ 'ବ୍ୟକ୍ତିତ୍ୱ' ଗଠନର କେବଳ ସର୍ବୋତ୍କୃଷ୍ଟ ନୁହେଁ ବରଂ ଏକମାତ୍ର ମାର୍ଗ ଭାବରେ ନିର୍ଣ୍ଣୟ କରି ଆସିଛନ୍ତି। କାରଣ ଶିକ୍ଷା ହିଁ ରୋଷେଇ ଘରଠାରୁ ପରୀକ୍ଷାଗାର ପର୍ଯ୍ୟନ୍ତ, ଚାଷ କ୍ଷେତରୁ ମହାକାଶ ଗବେଷଣା କେନ୍ଦ୍ର ପର୍ଯ୍ୟନ୍ତ, କମାରଶାଳଠାରୁ ସେମିକଣ୍ଡକ୍ଟର କାରଖାନା ପର୍ଯ୍ୟନ୍ତ, ମା'ର ସ୍ତନ୍ୟ ପାନଠାରୁ ବାୟୋଟେକ୍‌ନୋଲୋଜି (ଜୀବ ପ୍ରଯୁକ୍ତିବିଦ୍ୟା) ପର୍ଯ୍ୟନ୍ତ, ଛୋଟ ଛୁଆର ଅବୁଝା କଥା ଓ ସଙ୍ଗତି-ଶୂନ୍ୟ ହାତଗୋଡ଼ ହଲାଠାରୁ ଶାସ୍ତ୍ରୀୟ ନୃତ୍ୟ-ସଙ୍ଗୀତ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ବିଦ୍ୟମାନ ଥାଏ। ଦୁଃଖର କଥା, ଆମ ଦେଶରେ 'ଆମ ଶିକ୍ଷା ପଦ୍ଧତି ଚରିତ୍ର ଗଠନରେ ସହାୟକ ହେଉ ନାହିଁ', 'ଆମ ଶିକ୍ଷା ବ୍ୟବସ୍ଥା କେବଳ ଘୋଷିବା ଶିଖାଉଛି, ସୃଜନଶୀଳ କରାଉ ନାହିଁ', 'କେବଳ ଚାକିରିଆ ସୃଷ୍ଟି କରାଉଛି, ଉଦ୍‌ଯୋଗ ପ୍ରବୃତ୍ତି ସୃଷ୍ଟି କରାଉ ନାହିଁ' ଭଳି ବିଭିନ୍ନ ପ୍ରକାର ଦୋଷରେ ଅଭିଯୁକ୍ତ, ଯେଉଁ କାରଣରୁ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ନାଁରେ ଶିକ୍ଷାନୀତି ପରେ ଶିକ୍ଷାନୀତି ଅଣାଯାଉଛି। ତା' ସତ୍ତ୍ୱେ ଶିକ୍ଷାର ଗୁଣବତ୍ତା ରସାତଳଗାମୀ ହେବାରେ ଲାଗିଛି ବୋଲି 'ଏନ.ଆଇ.ଟି.ଆଇ.' ଆୟୋଗର ସଦ୍ୟତମ ରିପୋର୍ଟ କହୁଛି। ୧୯୬୬ର କୋଠାରୀ କମିସନ ଶିକ୍ଷା ବଜେଟକୁ ଜି.ଡି.ପି.ର ୬%କୁ ବୃଦ୍ଧି କରିବାର ସୁପାରିସ କରିଥିଲେ। କିନ୍ତୁ, ୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ଆସିବା ପରେ ବି ପ୍ରତ୍ୟେକ ବିଦ୍ୟାଳୟରେ ଭିତ୍ତିଭୂମି ଓ ଶିକ୍ଷକ ବ୍ୟବସ୍ଥା ସମ୍ଭବ ହୋଇପାରିନାହିଁ। ୨୦୧୪ରୁ ୨୦୨୪ ମଧ୍ୟରେ, ଉପସ୍ଥାନ କମ୍ ଅଛି ବୋଲି ଦର୍ଶାଇ ୯୪,୦୦୦ଟି ସରକାରୀ ବିଦ୍ୟାଳୟ ବନ୍ଦ କରାଯାଇଛି। ଜାତୀୟ ସ୍ତରରେ ସମୁଦାୟ ଦଶ ଲକ୍ଷ ବିଦ୍ୟାଳୟରେ ପ୍ରାୟ ଦଶ ଲକ୍ଷ ଶିକ୍ଷକ ପଦ ଖାଲି ପଡ଼ିଥିବାବେଳେ ଓଡ଼ିଶାର ସମୁଦାୟ ୬୧ ହଜାର ବିଦ୍ୟାଳୟରେ ପ୍ରାୟ ୪୫,୦୦୦ ଶିକ୍ଷକ ପଦ ଖାଲି ପଡ଼ିଛି। ଏଭଳି ଉଦ୍‌ବେଗଜନକ ସ୍ଥିତିରେ ଜାତୀୟ ତଥା ପ୍ରାଦେଶିକ ସ୍ତରରେ ପ୍ରବେଶିକା ଓ ନିଯୁକ୍ତି ପରୀକ୍ଷା କ୍ଷେତ୍ରରେ ପ୍ରଶ୍ନପତ୍ର ଲିକ୍ ହୋଇ ସାଂଘାତିକ ସମସ୍ୟା ସୃଷ୍ଟି କରୁଛି। ୨୦୨୬ 'ୟୁ.ଜି. ନିଟ୍' ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ୨୨-୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ଥର ପରୀକ୍ଷା ଦେବାକୁ ପଡ଼ିଲା। ମାନସିକ ଚାପଗ୍ରସ୍ତ ହୋଇ ଅନ୍ୟୂନ ୧୨ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କଲେ। ନିକଟ ଅତୀତରେ କେତୋଟି ପ୍ରମୁଖ ପରୀକ୍ଷା ବିଭ୍ରାଟ ମଧ୍ୟରେ ରହିଛି ମଧ୍ୟପ୍ରଦେଶର ୨୦୧୩ ମସିହାର ବ୍ୟାପମ୍ ଦୁର୍ନୀତି, ୨୦୨୧ର ରାଜସ୍ଥାନର ଶିକ୍ଷକ-ଯୋଗ୍ୟତା ପରୀକ୍ଷା, ୨୦୨୪ ଉତ୍ତରପ୍ରଦେଶର ପୁଲିସ କନେଷ୍ଟବଳ ନିଯୁକ୍ତି ପରୀକ୍ଷା, ୨୦୨୨ ବିହାର ଜନସେବା ଆୟୋଗ ସମ୍ମିଳିତ ପ୍ରତିଯୋଗିତାମୂଳକ ପରୀକ୍ଷା, ପଶ୍ଚିମବଙ୍ଗ ବିଦ୍ୟାଳୟ ଶିକ୍ଷକ ଆୟୋଗ ପରୀକ୍ଷା, ୨୦୨୬ର ମହାରାଷ୍ଟ୍ର ଶିକ୍ଷକ-ଯୋଗ୍ୟତା ପରୀକ୍ଷା, ଓଡ଼ିଶାର ୨୦୨୪-୨୫ ପୁଲିସ ସେବା ପରୀକ୍ଷା, ୨୦୧୯ ଓ ୨୦୨୫ ଶିକ୍ଷକ-ଯୋଗ୍ୟତା ପରୀକ୍ଷା ଇତ୍ୟାଦି। ଏଥି ସହିତ ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଏକ ହାସ୍ୟାସ୍ପଦ ଓ ଅପମାନଜନକ ଉଦାହରଣ ସୃଷ୍ଟି କରିଛି। ଏ ସମସ୍ତ ବିଭ୍ରାଟ ବିଭାଗୀୟ ମନ୍ତ୍ରୀ ଓ ଅମଲାମାନଙ୍କର ଦାୟିତ୍ୱହୀନତା, ଅଯୋଗ୍ୟତା ଓ ଶିକ୍ଷା-ବିମୁଖତାର ମିଶ୍ରିତ ଫଳ। ସରକାରୀ ଶିକ୍ଷା ବ୍ୟବସ୍ଥାର ଦୟନୀୟ ସ୍ଥିତିରୁ ରକ୍ଷା ପାଇବା ଆଶାରେ ଲୋକମାନେ ଘରୋଇ ଶିକ୍ଷା ବ୍ୟବସ୍ଥାର ଆଶ୍ରୟ ନେଉଛନ୍ତି। ଏଥିରୁ ଫାଇଦା ଉଠାଇ ଘରୋଇ ଶିକ୍ଷା ବ୍ୟବସ୍ଥା ଶିକ୍ଷାଦାନକୁ ଏକ ବିରାଟ ବ୍ୟବସାୟର ରୂପ ଦେଇ ସାରିଲାଣି। ଆମ ଦେଶରେ ଘରୋଇ ବିଦ୍ୟାଳୟ ସଂଖ୍ୟା ପ୍ରାୟ ୩୦% ହୋଇଥିବାବେଳେ, ପ୍ରାୟ ୪୦% ପିଲା ଏହି ବିଦ୍ୟାଳୟଗୁଡ଼ିକରେ ପଢୁଛନ୍ତି। ୨୦୦୫-୦୬ ମସିହାରେ ସହରାଞ୍ଚଳରେ ୫୮% ପିଲା ଘରୋଇ ବିଦ୍ୟାଳୟରେ ପଢୁଥିବାବେଳେ ୨୦୨୫-୨୬କୁ ଏହା ୭୦%କୁ ବଢ଼ିଛି। ଗ୍ରାମାଞ୍ଚଳରେ ଏହି ସମୟ ମଧ୍ୟରେ ଘରୋଇ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ସଂଖ୍ୟା ୧୭%ରୁ ବଢ଼ି ଦୁଇ ଗୁଣ ଅର୍ଥାତ୍ ୩୪% ହେଲାଣି। ଘରୋଇ ଅନୁଷ୍ଠାନଗୁଡ଼ିକ ଉପରେ ସରକାରଙ୍କର ବିଶେଷ ନିୟନ୍ତ୍ରଣ ନ ଥାଏ। ପୁଣି ଅନେକ କ୍ଷେତ୍ରରେ ସରକାରୀ କଳର ମନ୍ତ୍ରୀ ଓ ପ୍ରଭାବଶାଳୀ ଲୋକେ ଘରୋଇ ଶିକ୍ଷା ଉଦ୍ୟୋଗ ସହିତ ପ୍ରତ୍ୟକ୍ଷ ଓ ପ୍ରଚ୍ଛନ୍ନ ଭାବେ ସଂପୃକ୍ତ ଥିବାରୁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଯଥେଚ୍ଛାଚାରୀ ହୋଇ ପଡୁଛନ୍ତି। ଏଣେ, ସରକାରୀ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପିଲାମାନେ ଶିକ୍ଷକ ଓ ଭିତ୍ତିଭୂମି ଅଭାବଜନିତ ଶୂନ୍ୟତା ଭରଣା କରିବା ପାଇଁ ଘରୋଇ ଟ୍ୟୁସନ ବା କୋଚିଂ ସେଣ୍ଟରଗୁଡ଼ିକର ସହାୟତା ନେଉଛନ୍ତି। ତେଣୁ ଘରୋଇ ଶିକ୍ଷା ସଂସ୍ଥାଗୁଡ଼ିକ ହିଁ ପ୍ରାୟତଃ ଶିକ୍ଷାଦାନ ବ୍ୟବସ୍ଥାର ମଞ୍ଜି ହେବାକୁ ବସିଲେଣି। ଫଳତଃ ଶିକ୍ଷା ଖର୍ଚ୍ଚ ଅତ୍ୟଧିକ ଭାବରେ ବୃଦ୍ଧି ପାଇଛି। ତେଣୁ ବୋଧ ହେଉଛି ଯେ ଶିକ୍ଷା ବ୍ୟବସ୍ଥାର ଘରୋଇକରଣ ହେଉଛି ସରକାରୀ କଳର ଏକ ସୂକ୍ଷ୍ମ ଷଡ଼୍‌ଯନ୍ତ୍ର। ବର୍ତ୍ତମାନ କୋଚିଂ ଶିକ୍ଷା ହେଉଛି ଏକ ଅତି ବିଶାଳ ଉଦ୍ୟୋଗ। ଏବଂ ପରୀକ୍ଷା ବିଭ୍ରାଟ ପଛରେ ଏହି ଉଦ୍ୟୋଗର କିଛି ଅପତତ୍ତ୍ୱଙ୍କ ହାତ ଥିବା ବିଷୟ ଏବେ ସ୍ପଷ୍ଟ ହେଲାଣି। ଯେଉଁ ପର୍ଯ୍ୟନ୍ତ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ - ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ - ପୁନର୍ବିନ୍ୟସ୍ତ ଓ ସୁସଂଗଠିତ ନ ହୁଅନ୍ତି, ସେ ପର୍ଯ୍ୟନ୍ତ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିବାର ଆଶା କ୍ଷୀଣ। ଶିକ୍ଷା ବ୍ୟବସ୍ଥା ଶୋଚନୀୟ ହେବା ପଛରେ ଅନେକ କାରଣ ଅଛି। ତନ୍ମଧ୍ୟରୁ ପ୍ରମୁଖଟି ହେଲା, ଜାତୀୟ ତଥା ପ୍ରାଦେଶିକ ସ୍ତରରେ ମନ୍ତ୍ରିମଣ୍ଡଳଗୁଡ଼ିକରେ ଶୈକ୍ଷିକ ଯୋଗ୍ୟତାର କ୍ରମାଗତ ହ୍ରାସ। ଏଥିରେ ଶିକ୍ଷା ଓ ଗବେଷଣା ପ୍ରତି ସମ୍ମାନ ନଥାଏ। ମନ୍ତ୍ରୀମାନେ ଅମଲାମାନଙ୍କ ସହାୟତାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ନଗର ଉନ୍ନୟନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭଳି ବିଭାଗଗୁଡ଼ିକୁ ପରିଚାଳନା କରୁଛନ୍ତି। କୌଣସି କ୍ଷେତ୍ରରେ ବିଭାଗୀୟ ବିଶେଷଜ୍ଞମାନଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳୁନାହିଁ। ଦ୍ୱିତୀୟତଃ ପ୍ରାକ୍ ବିଜେପି ଶାସନ କାଳରେ ପ୍ରଭାବଶାଳୀ ଲୋକଙ୍କ ସଂପର୍କୀୟ ବା ବାମପନ୍ଥୀ ଚିନ୍ତାଧାରା ସଂପନ୍ନ ବ୍ୟକ୍ତିମାନଙ୍କର ଉଚ୍ଚ ପଦ-ପଦବିରେ ଅଧିଷ୍ଠିତ ହେବାର ପରମ୍ପରା ନେଇ ଯେଉଁ ଅଭିଯୋଗ ଥିଲା, ବର୍ତ୍ତମାନ ତାହା ଚାଲିଛି, ଖାଲି ଯାହା ବାମପନ୍ଥୀ ଓ ଉଦାରବାଦୀଙ୍କ ସ୍ଥାନ ନେଇଛନ୍ତି ଦକ୍ଷିଣପନ୍ଥୀ ଅନୁସରଣ କରୁଥିବା ବ୍ୟକ୍ତିବିଶେଷ। ତେଣୁ ଶିକ୍ଷାକୁ ପନ୍ଥୀୟ ଓ ଦଳୀୟ ରାଜନୀତି କଳୁଷିତ କରୁଛି। ତୃତୀୟତଃ, ଆମ ଗଣତନ୍ତ୍ରରେ ଜନପ୍ରତିନିଧି ଓ ପଦସ୍ଥ ଅମଲାମାନେ ସାମନ୍ତବାଦୀ ଶାସନର ସୂତ୍ରଧର ହୋଇଛନ୍ତି, ଯେଉଁଠି ସେମାନେ ତ୍ରୁଟି ବିଚ୍ୟୁତି ଲାଗି ଉତ୍ତରଦାୟିତ୍ୱ ନିଅନ୍ତି ନାହିଁ। ବେଳେ ବେଳେ ମନେ ହୋଇଥାଏ ଯେ ଶିକ୍ଷିତ ଓ ସଚେତନ ନାଗରିକ ସମାଜ ଏଭଳି ବ୍ୟବସ୍ଥାର କାଳେ ବିରୋଧ କରିବେ, ସେଥି ଲାଗି ସାର୍ବଜନୀନ ଶିକ୍ଷାକୁ ହିଁ 'ମୂଳୁ ମାରିଲେ ଯିବ ସରି' ନ୍ୟାୟରେ ହତ୍ୟା କରିବାର ଯୋଜନା ଚାଲିଛି। ଗଣତନ୍ତ୍ରରେ ସମସ୍ତ ପ୍ରକାର ବ୍ୟାଧିର ପ୍ରତିକାର ଓ ପ୍ରତିଷେଧକ ଜନସାଧାରଣଙ୍କ ହାତରେ। ସେମାନେ ହିଁ ସାର୍ବଭୌମତ୍ୱର ଅଧିକାରୀ। ନିର୍ବାଚନ ମାଧ୍ୟମରେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଅଧିକାର ଆଧାରରେ ସରକାରଗୁଡ଼ିକ ଦେଶ ଚଳାଉଛନ୍ତି। ସେମାନଙ୍କ ଟିକସ ଅର୍ଥରେ ହିଁ ଦେଶ ଚାଲୁଛି। ତେଣୁ ଜନସାଧାରଣ ଜାତି, ଧର୍ମ, ବର୍ଣ୍ଣ, ବୟସ, ଶିକ୍ଷା, ଧନୀ-ଗରିବ ନିର୍ବିଶେଷରେ ନିଜ ନିଜର ଅଧିକାର ପ୍ରତି ସଚେତନ ହେବା ଅତ୍ୟନ୍ତ ଜରୁରି। ଶିକ୍ଷା ଅଧିକାର ଏକ ମୌଳିକ ଅଧିକ ହୋଇଥିବା ଦୃଷ୍ଟିରୁ ସେଥି ପ୍ରତି ଜନସାଧାରଣ ସଂପୂର୍ଣ୍ଣ ସଚେତନ ରହିବା ସର୍ବାଦୌ ଆବଶ୍ୟକ। ସମସ୍ତେ ମନେ ରଖିବା ଦରକାର ଯେ ଏକ ଉନ୍ନତ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ପାଇଁ ସର୍ବାଧିକ ଆବଶ୍ୟକ ହେଲା ଶିକ୍ଷାନୁଷ୍ଠାନଗୁଡ଼ିକରେନିୟମାନୁମୋଦିତ ପୂର୍ଣ୍ଣ ବେତନପ୍ରାପ୍ତ ଶିକ୍ଷକ ଓ ଶିକ୍ଷା ଅଧିକାର ନିର୍ଦ୍ଦେଶାବଳୀ ଆଧାରରେ ଭିତ୍ତିଭୂମିର ଉପଲବ୍ଧତା। ତା' ସହିତ ଶିକ୍ଷକମାନଙ୍କୁ ସମସ୍ତ ପ୍ରକାର ଅଶୈକ୍ଷିକ ଦାୟିତ୍ୱରୁ ମୁକ୍ତ କରାଯିବା ଜରୁରି। ସେମିତି ସୁନିର୍ଦ୍ଦିଷ୍ଟ ଭାବେ ଉତ୍ତରଦାୟିତ୍ୱର ସ୍ଥାପନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ସ୍କୁଲ, କଲେଜ ଓ ସେଠାରେ ପାଠପଢ଼ାକୁ ନେଇ ସ୍ଥାନୀୟ ସ୍ତରରେ ନାଗରିକମାନଙ୍କ ଦ୍ୱାରା ସାମାଜିକ ଅଡିଟ୍ କରାଯିବା ଓ ତ୍ରୁଟି ବିଚ୍ୟୁତି ଲାଗି ଉତ୍ତରଦାୟୀମାନଙ୍କୁ ପ୍ରଶ୍ନ କରାଯିବା ଆବଶ୍ୟକ। ଯେଉଁ ଦିନ ନାଗରିକମାନେ ସେମାନଙ୍କ ସନ୍ତାନସନ୍ତତି ଅର୍ଥାତ୍ ଉତ୍ତର ପିଢ଼ିର ଭବିଷ୍ୟତ ଲାଗି ସାର୍ବଜନୀନ ଶିକ୍ଷା ଅଧିକାର ଭଳି ମୌଳିକ ଅଧିକାର ପାଇବା ଲାଗି ଜିଦି କରିବେ, ସରକାରୀ ଶିକ୍ଷା ବ୍ୟବସ୍ଥା ଠିକଣା ବାଟକୁ ଫେରିବ।

ସଚିନଙ୍କ ପ୍ରିୟ ଅଧିନାୟକ ଗାଙ୍ଗୁଲି, ଧୋନି



ନୂଆଦିଲ୍ଲୀ: ଭାରତୀୟ କିଂବଦନ୍ତି ସଚିନ ତେନ୍ଦୁଲକରଙ୍କ ପ୍ରିୟ ଅଧିନାୟକ ହେଉଛନ୍ତି ସୌରଭ ଗାଙ୍ଗୁଲି ଓ ମହେନ୍ଦ୍ର ସିଂହ ଧୋନି। ରେଡିଟ୍‌ରେ ଆୟୋଜିତ 'ଆସ୍କ ମି ଏନିଥିଂ' କାର୍ଯ୍ୟକ୍ରମରେ ସଚିନ ଏହା କହିଛନ୍ତି। ନିଜ ପ୍ରିୟ ଅଧିନାୟକଙ୍କ ବିଷୟରେ ପଚରାଯିବାରୁ ସେ କହିଥିଲେ, "ସୌରଭ ଗାଙ୍ଗୁଲି ଓ ଏମ୍‌ଏସ୍ ଧୋନି ନିଶ୍ଚିତ ଭାବେ ମୋ ତାଲିକାର ଶୀର୍ଷରେ ରହିବେ।" ୧୯୯୬ରୁ ୨୦୦୦ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ସଚିନ ୨୫ ଟେଷ୍ଟରେ ଭାରତର ନେତୃତ୍ୱ ନେଇଥିଲେ। ଅଧିନାୟକ ହେବା ମୋ ପାଇଁ ବଡ଼ ସମ୍ମାନ ଥିଲା। ତେବେ, ନିଜ ଇଚ୍ଛା ଅନୁଯାୟୀ ଦଳ ବାଛିବାର ସ୍ୱାଧୀନତା ମୋ ପାଖରେ ସବୁବେଳେ ନଥିଲା। ୧୯୯୦ ଦଶକ ତୁଳନାରେ ଆଜିର ବିସିସିଆଇ ଅଧିକ ବୃତ୍ତିଗତ ସଂସ୍ଥା ହୋଇପାରିଛି। ସେହି ସମୟରେ ଭାରତୀୟ କ୍ରିକେଟ୍ ଅତ୍ୟନ୍ତ ଖରାପ ପର୍ଯ୍ୟାୟ ଦେଇ ଗତି କରୁଥିଲା ବୋଲି ୫୩ ବର୍ଷୀୟ ସଚିନ କହିଛନ୍ତି। ୨୦୦୦ ମାର୍ଚ୍ଚରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ଶୃଙ୍ଖଳା ପରାଜୟ ପରେ ସଚିନ ଅଧିନାୟକ ପଦ ଛାଡ଼ିଥିଲେ। ୨୦୦୭ରେ ପୁଣି ଟେଷ୍ଟ ଅଧିନାୟକ ପଦ ପ୍ରସ୍ତାବକୁ ସେ ଗ୍ରହଣ କରି ନ ଥିଲେ। ପରେ ଧୋନି ଏହି ଦାୟିତ୍ୱ ନେଇଥିଲେ। ଏହି ଅବସରରେ ଦକ୍ଷିଣ ଆଫ୍ରିକାର ଅଧିନାୟକ ତେମ୍ବା ବାଭୁମାଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକାକୁ ଟ୍ରଫି ଜିତାଇବାରେ ତାଙ୍କ ନେତୃତ୍ୱକୁ ସେ ପ୍ରଶଂସା କରିଥିଲେ। କେଉଁ ବଡ଼ ବ୍ୟାଟରଙ୍କ ବିପକ୍ଷରେ ବୋଲିଂ କରିବାକୁ ଭଲ ଲାଗୁଥିଲା ପ୍ରଶ୍ନର ଉତ୍ତରରେ ସଚିନ ମଜାଳିଆ ଢଙ୍ଗର ନିଜ ବୋଲିଂ ଦକ୍ଷତା କଥା ମନେ ପକାଇଥିଲେ।

ଦିନିକିଆରେ ଭାରତର ବିଜୟ ଅଭିଯାନ; ନ୍ୟୁଜିଲାଣ୍ଡ ୫ ୱିକେଟ୍‌ରେ ହାରିଲା

ଅକ୍‌ଲାଣ୍ଡ: ନ୍ୟୁଜିଲାଣ୍ଡ ଗସ୍ତରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିବା ଭାରତ ଦିନିକିଆରେ ବି ଆଗୁଆ ହୋଇଯାଇଛି। ବୁଧବାର ସ୍ଥାନୀୟ ଇଡେନ୍ ପାର୍କରେ ଖେଳାଯାଇଥିବା ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ଭାରତ ୫ ୱିକେଟ୍ (ଡିଏଲ୍‌ଏସ୍)ରେ ଜିତି ନେଇଛି। ୧୮୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ଦଳ ୧ ରନ୍‌ରେ ରୋହିତ ଶର୍ମା (୦)ଙ୍କୁ ପ୍ରଥମ ଓଭରରେ ହରାଇଥିଲା। ଏହାପରେ ଅଧିନାୟକ ଶୁବମନ ଗିଲ୍ ଓ ବିରାଟ କୋହଲି ପାଳି ସମ୍ଭାଳି ନେଇଥିଲେ। ଦଳୀୟ ସ୍କୋର୍ ୧୦.୫ ଓଭରରେ ୫୪/୧ ଥିଲା ବେଳେ ବର୍ଷା ହୋଇଥିଲା। ମ୍ୟାଚ୍ ୧ ଘଣ୍ଟା ବନ୍ଦ ହେବା ପରେ ଭାରତ ସମ୍ମୁଖରେ ପରବର୍ତ୍ତୀତ ବିଜୟ ଲକ୍ଷ୍ୟ ୪୦ ଓଭରରେ ୧୬୭ ରନ୍ ରହିଥିଲା। ଏହାପରେ ଆଉ ୨ ଓଭର ଖେଳାଯାଇଛି ପୁଣି ବର୍ଷା ହେବାରୁ ମ୍ୟାଚ୍ ଅଧଘଣ୍ଟା ସ୍ଥଗିତ ରହିଥିଲା। ଏହା ପରେ ଭାରତକୁ ନୂଆ ବିଜୟ ଲକ୍ଷ୍ୟ ୩୨ ଓଭରରେ ୧୪୩ ରନ୍ ମିଳିଥିଲା।କୋହଲିଙ୍କ ସହ ଦଳକୁ ବିଜୟ ଦିଗରେ ନେଉଥିଲା ବେଳେ ନାଥନ ସ୍ମିଥ୍‌ଙ୍କ ବଲ୍‌ରେ ୱିକେଟ୍‌କିପର ଟମ୍ ଲାଥମଙ୍କ ହାତରେ ଧରାପଡ଼ି ଗିଲ୍ (୩୭, ୫୫ ବଲ୍, ୫ ଚୌକା) ପ୍ୟାଭିଲିୟନ୍ ଫେରିଥିଲେ। କିନ୍ତୁ ଉଭୟ ୧୧୩ ରନ୍‌ର ଭାଗୀଦାର ଗଢ଼ି ଭାରତର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ଗିଲ୍‌ଙ୍କ ପରେ ଜାକବ ଡଫି ୩ ୱିକେଟ୍ ନେଇ ଭାରତର ବିଜୟ ବିଳମ୍ବ କରିଥିଲେ। ସେ ଅର୍ଦ୍ଧଶତକ ଅର୍ଜନ କରି ସାରିଥିବା କୋହଲି (୭୪, ୫୧ ବଲ୍, ୧୩ ଚୌକା, ୧ ଛକା)ଙ୍କ ସହ ଅକ୍ଷର ପଟେଲ (୦) ଓ ଶ୍ରେୟସ ଆୟର (୧୫)ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଶେଷରେ କେଏଲ୍ ରାହୁଲ (୩*) ଓ ନମନ ଧୀର (୫*) ଅପରାଜିତ ରହି ୫୬ ବଲ୍ ପୂର୍ବରୁ



ବିଜୟ ମୁଣ୍ଡି ମାରିଥିଲେ। ଅଂଶୁଲ କମ୍ବୋଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ କୋହଲି (୮୭୪୧) ନିଜର ଏହି ଅର୍ଦ୍ଧଶତକୀୟ ପାଳି ବଳରେ ପଶ୍ଚାତ୍‌ଧାବନ ଦିନିକିଆ ରନ୍‌ରେ କିଂବଦନ୍ତି ସଚିନ ତେନ୍ଦୁଲକର (୮୭୨୦)ଙ୍କୁ ଟପିଛନ୍ତି।ପୂର୍ବରୁ ଅର୍ଶଦୀପ ସିଂହ, ଗୁରନୂର ବ୍ରାର ଓ କମ୍ବୋଜଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଟସ୍ ହାରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୧୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ହେଲେ ୧୧ ନମ୍ବର ବ୍ୟାଟର୍ ବ୍ଲେୟର ଟିକ୍‌ନରଙ୍କ ୨୩ ବଲ୍‌ରୁ ୧ ଚୌକା ଓ ୪ ଛକା ସହାୟତାରେ ୩୪ ରନ୍‌ର ବିସ୍ଫୋରକ ପାଳି ଯୋଗୁଁ ଘରୋଇ ଦଳ ସମ୍ମାନ ଜନକ ସ୍କୋର୍ କରିପାରିଥିଲା। ଅର୍ଶଦୀପଙ୍କ ଶେଷ ଓଭରରେ ଟିକ୍‌ନର ୩ଟି ଛକା ମାରି ଦଳୀୟ ସ୍କୋର୍ ୧୮୦ ପାର୍ କରିଥିଲେ। ଅର୍ଶଦୀପ ୪, ଗୁରନୂର ୩, ଅଂଶୁଲ ୨ ୱିକେଟ୍ ନେବା ସହ ୪୬ଟି ଡଟ୍ ବଲ୍ ପକାଇ ଘରୋଇ ଦଳର ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ।ପାୱାରପ୍ଲେରେ ଅର୍ଶଦୀପ ୨ ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଚାପରେ ରଖିଥିଲେ। ପ୍ରଥମ ୧୦ ଓଭରରେ ଘରୋଇ ଦଳ ମାତ୍ର ୪୫/୨ କରିଥିଲା। ଟିମ୍ ସେଫର୍ଟ (୩୮) ଓ ଡାରିଲ ମିଚେଲ (୨୮) ତୃତୀୟ ୱିକେଟ୍‌ରେ ୩୩ ରନ୍ ଯୋଡ଼ି ପାଳି ସମ୍ଭାଳି ନେଇଥିଲେ। ଏହାପରେ ଦଶମ ୱିକେଟ୍‌ରେ ଟିକ୍‌ନର ଓ ଡଫି (୧୫*)ଙ୍କ ୪୫ ରନ୍ ଦ୍ୱିତୀୟ ସର୍ବାଧିକ ଭାଗୀଦାର ହୋଇଥିଲା। ସଂକ୍ଷିପ୍ତ ସ୍କୋର୍: ନ୍ୟୁଜିଲାଣ୍ଡ ୪୨.୨ ଓଭରରେ ୧୮୫ (ଟିମ୍ ସେଫର୍ଟ ୩୮, ବ୍ଲେୟର ଟିକ୍‌ନର ୩୪, ଗ୍ଲେନ୍ ଫିଲିପ୍ସ ୩୦, ଅର୍ଶଦୀପ ସିଂହ ୪/୭୦, ଗୁରନୂର ବ୍ରାର ୩/୪୪, ଅଂଶୁଲ କମ୍ବୋଜ ୨/୨୨)। ଭାରତ ୨୨.୪ ଓଭରରେ ୧୪୩/୫ (ବିରାଟ କୋହଲି ୭୪ , ଶୁବମନ ଗିଲ୍ ୩୭, ଜାକବ ଡଫି ୩/୪୯, ନାଥନ ସ୍ମିଥ୍ ୧/୨୧, କାଇଲ ଜାମିସନ ୧/୩୪)।

ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ 'ଏ' ଟେଷ୍ଟ ଅମୀମାଂସିତ: ଜୟସ୍ୱାଲ, ରାଠୋଡ଼ଙ୍କ ଜବରଦସ୍ତ ବ୍ୟାଟିଂ



ଖ୍ରୀଷ୍ଟଚର୍ଚ୍ଚ: ଭାରତ 'ଏ' ଓ ନ୍ୟୁଜିଲାଣ୍ଡ 'ଏ' ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଅନୌପଚାରିକ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମ ପାଳିରେ ଅଧିନାୟକ ଧ୍ରୁବ ଜୁରେଲଙ୍କ ଶତକ ବଳରେ ୩୪୬ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୨୪ ରନ୍ କରି ୭୮ ରନ୍‌ରେ ଆଗୁଆ ରହିଥିଲା। ମୁକେଶ କୁମାରଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଭାରତ ଦ୍ୱିତୀୟ ପଳି ଆରମ୍ଭ କରି ୩୫ ରନ୍‌ରେ ସାଇ ସୁଦର୍ଶନ (୧୧) ଓ ଦେବଦତ୍ତ ପଡ଼ିକଲ (୦)ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ହେଲେ ଏହାପରେ ଯଶସ୍ୱୀ ଜୟସ୍ୱାଲ ଓ ଯଶ୍ ରାଠୋଡ଼ ଜବରଦସ୍ତ ବ୍ୟାଟିଂ କରି ଅବିଭାଜିତ ତୃତୀୟ ୱିକେଟ୍‌ରେ ୨୪୫ ବଲ୍‌ରୁ ୨୪୭ ରନ୍ ଭାଗୀଦାର ଗଢ଼ିବାରୁ ଭାରତ ୨୮୨/୨ରେ ପହଞ୍ଚିଥିଲା।ମ୍ୟାଚ୍ ଆଉ ପ୍ରାୟ ଦୁଇ ଘଣ୍ଟା ବାକି ଥିଲା ବେଳେ ଫଳାଫଳ ବାହାରିବା ସମ୍ଭାବନା ନଥିବାରୁ ଦୁଇ ଅଧିନାୟକ ସମ୍ମତି ପରେ ଅମ୍ପାୟାର ଅମୀମାଂସିତ ଘୋଷଣା କରିଥିଲେ। ଜୟସ୍ୱାଲ ୧୬୨ ବଲ୍‌ରୁ ୧୫୫* (୧୫ ଚୌକା, ୫ ଛକା) ଏବଂ ରାଠୋଡ଼ ୧୨୨ ବଲ୍‌ରୁ ୧୦୦* (୯ ଚୌକା) ରନ୍ କରିଥିଲେ। ଜୟସ୍ୱାଲଙ୍କ ଏହା ଅଷ୍ଟାଦଶତମ ପ୍ରଥମ ଶ୍ରେଣୀ ଶତକ। ପ୍ରଥମ ଅନୌପଚାରିକ ଟେଷ୍ଟ ମଧ୍ୟ ଅମୀମାଂସିତ ଭାବେ ଶେଷ ହୋଇଥିଲା। ତୃତୀୟ ତଥା ଅନ୍ତିମ ଟେଷ୍ଟ ୭ ତାରିଖରୁ ଲିନ୍‌କନ୍‌ରେ ଖେଳାଯିବ।

'ବିରାଟ ଭାଇ ଯେତେବେଳେ ପଡ଼ିଆରେ ଥାଆନ୍ତି...' ମନର କଥା କହିଲେ ଯୁବ ଅଧିନାୟକ



ନୂଆଦିଲ୍ଲୀ: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଆକଲାଣ୍ଡର ଇଡେନ୍ ପାର୍କରେ ବୁଧବାର ଦିନ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଟିମ୍ ଇଣ୍ଡିଆ ପ୍ରଶଂସନୀୟ ପ୍ରଦର୍ଶନ କରି ଆୟୋଜକ ନ୍ୟୁଜିଲାଣ୍ଡ ଟିମ୍‌କୁ ୫ ୱିକେଟ୍‌ରେ ପରାସ୍ତ କରିଛି। ଡକୱର୍ଥ ଲୁଇସ୍ ନିୟମ (ଡିଏଲ୍‌ଏସ୍) ଅନୁଯାୟୀ ୧୪୩ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତୀୟ ଟିମ୍ ସହଜରେ ହାସଲ କରି ଶୃଙ୍ଖଳାରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଏହି ମୁକାବିଲାରେ ବିସ୍ଫୋରକ ବ୍ୟାଟର ବିରାଟ କୋହଲି ୭୪ ରନ୍ ସଂଗ୍ରହ କରି ଭାରତକୁ ବିଜୟ ଦେବାରେ ବଡ଼ ଭୂମିକା ତୁଲାଇଥିଲେ। ମ୍ୟାଚ୍ ଶେଷ ହେଲା ପରେ କୋହଲିଙ୍କୁ ଯୁବ ଅଧିନାୟକ ଶୁଭମନ ଗିଲ୍ ପ୍ରଶଂସା କରିଛନ୍ତି ଏବଂ ହୃଦୟର କଥା କହିଛନ୍ତି। ଶୁଭମନ ଗିଲ୍ କହିଛନ୍ତି, ଟିମ୍‌ର ପ୍ରଦର୍ଶନରେ ଖୁସି ଅନୁଭବ କରୁଛି। ବିରାଟ ଯେତେବେଳେ କ୍ରିଜ୍‌ରେ ଥାଆନ୍ତି ଏବଂ ଏହାରି ମଧ୍ୟରେ ବର୍ଷା ଯୋଗୁଁ ମ୍ୟାଚ୍ ଅଟକି ଯାଏ, ସାମାନ୍ୟ ଅସହଜ ହୋଇଥାଏ। କିନ୍ତୁ ଆଜି ବିରାଟ କୋହଲି ଯେଉଁ ଭଳି ଭାବେ ବ୍ୟାଟିଂ କରିଥିଲେ, ଆମ ପାଇଁ ବିଜୟ ଅତି ସହଜ ହୋଇଯାଇଥିଲା। ବିରାଟ କୋହଲିଙ୍କ ବ୍ୟତୀତ ଗିଲ୍ ଭାରତୀୟ ବୋଲର ଏବଂ ଫିଲ୍ଡିଂକୁ ମଧ୍ୟ ପ୍ରଶଂସା କରିଛନ୍ତି। ରୋହିତ ଶର୍ମାଙ୍କ ଦ୍ୱାରା ରନ୍ ଆଉଟ୍‌କୁ ଗିଲ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ରୋହିତଙ୍କ ଉଦ୍ୟମ ମ୍ୟାଚ୍‌ର ଧାରା ବଦଳାଇ ଦେଇଥିଲଶ। ଅଂଶୁଲ କମ୍ବୋଜ ମଧ୍ୟ ଆଜି ଭଲ ପ୍ରଦର୍ଶନ କରିଛନ୍ତି। ସେହିପରି ଗୁରନୁର୍ ବ୍ରାର୍ ମଧ୍ୟ ଆଜି କମାଲ କରିଛନ୍ତି। ଯଦି ଟିମ୍ ଏହିଭଳି ଭାବରେ ପ୍ରଦର୍ଶନ ଜାରି ରଖିବ, ଭାରତ ଭଲ ସ୍ଥିତିରେ ପହଞ୍ଚିବ। ଏହି ମୁକାବିଲାରେ ପଡ଼ିଆରେ ଓହ୍ଲାଇବା କ୍ଷଣି ବରାଟ କୋହଲି ବଡ଼ ରେକର୍ଡ ହାସଲ କରିଛନ୍ତି। ସେ ଆଜି ନିଜ ନାମରେ ଏକ ବଡ଼ ରେକର୍ଡ କରିଛନ୍ତି। ବିରାଟ କୋହଲିଙ୍କୁ ଦିନିକିଆ କ୍ରିକେଟର ଦ୍ୱିତୀୟ ଇନିଂସରେ ମହାନ କ୍ରିକେଟ୍‌ର ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବାକୁ ୫୪ ରନ୍ ଦରକାର ଥିଲା। ଆକଲାଣ୍ଡର ଇଡେନ୍ ପାର୍କରେ ନିଜର ଇନିଂସର ୩୯ତମ ବଲ୍‌ରେ ବିରାଟ କୋହଲି ଚୌକା ମାରି ଏହା ହାସଲ କରିଥିଲେ। ଏଥି ସହିତ ସେ ଦିନିକିଆ କ୍ରିକେଟର ରନ୍ ଲକ୍ଷ୍ୟ ମାମଲାରେ ସବୁଠାରୁ ଅଧିକ ରନ୍ ସଂଗ୍ରହ କରିବା ମାମଲାରେ ବିଶ୍ୱର ୧ ନମ୍ବର ବ୍ୟାଟର ହୋଇଯାଇଛନ୍ତି। ଏହି ମାମଲାରେ ସଚିନ ତେନ୍ଦୁଲକର (୮,୭୨୦ ରନ୍)କୁ ପଛରେ ପକାଇଛନ୍ତି। କୋହଲିଙ୍କ ରନ୍ ୧୬୯ ଇନିଂସରେ ୮୭୨୨* ରନ୍ ହୋଇଛି। ଏହି ତାଲିକାରେ ରୋହିତ ଶର୍ମା (୬,୮୦୧ ରନ୍) ତୃତୀୟ ସ୍ଥାନରେ ଅଛନ୍ତି।

ନ୍ୟୁଜିଲାଣ୍ଡକୁ ୧୮୫ ରନ୍‌ରେ ଅଟକାଇଲା ଭାରତ, ଚମକିଲେ ଅର୍ଶଦୀପ ସିଂହ



ଆକଲାଣ୍ଡ: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଆଜିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଆରମ୍ଭ ହୋଇଯାଇଛି। ଏହି ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ଦମ୍ଭ ଦେଖାଇଛନ୍ତି। ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୫ ରନ୍ କରିଛି। ଫଳରେ ଭାରତକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୮୬ ରନ୍ ଦରକାର ଅଛି। ଭାରତ ତରଫରୁ ଅର୍ଶଦୀପ ସିଂହ ଚମକପ୍ରଦ ବୋଲିଂ କରିଛନ୍ତି। ସେ ସର୍ବାଧିକ ୪ଟି ୱିକେଟ୍ ନେଇଛନ୍ତି। ଗୁରନୁର ବ୍ରାର୍‌ଙ୍କୁ ୩ଟି ଏବଂ ଅଂଶୁଲ କମ୍ବୋଜଙ୍କୁ ୨ଟି ୱିକେଟ୍ ମିଳିଥିଲା। ଆକଲାଣ୍ଡର ଇଡେନ୍ ପାର୍କରେ ଭାରତ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଟସ୍ ଜିଣି ଶୁଭମନ ଗିଲ୍ ଘରୋଇ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ଭାରତୀୟ ବୋଲରମାନେ ଏକ ଦୃଢ଼ ଆରମ୍ଭ କରିଥିଲେ। ଅର୍ଶଦୀପ ସିଂହ ଏବଂ ଆକିବ ନବି ଦୃଢ଼ ଭାବରେ ବୋଲିଂ କରିଥିଲେ। ନ୍ୟୁଜିଲ୍ୟାଣ୍ଡର ଆରମ୍ଭ ଧୀର ହୋଇଥିଲା। ଦଳ ଶତକ ହାସଲ ପୂର୍ବରୁ ୫ଟି ୱିକେଟ୍ ହରାଇ ଥିଲା। ନ୍ୟୁଜିଲାଣ୍ଡ ସ୍କୋର ୨୨ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଅର୍ଶଦୀପ ସିଂହଙ୍କ ବଲ୍ ଶ୍ରେୟସ ଆୟରଙ୍କୁ କ୍ୟାଚ୍ ଦେଇ ୱିଲ ୟଙ୍ଗ ଆଉଟ୍ ହୋଇଥିଲେ। ସେ ୧୧ଟି ବଲ୍ ଖେଳି ୯ ରନ୍ କରିଥିଲେ, ଯେଉଁଥିରେ ୨ଟି ଚୌକା ସାମିଲ ଥିଲା। ନ୍ୟୁଜିଲାଣ୍ଡ ୪୦ ରନ୍‌ରେ ଦ୍ୱିତୀୟ ୱିକେଟ୍ ହରାଇଛି। ହେନରୀ ନିକୋଲ୍ସ (୯ରନ)ଙ୍କୁ ଅର୍ଶଦୀପ ସିଂହ ଆଉଟ୍ କରିଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ଟିମ୍ ସେଫର୍ଟ ୩୮ ରନ୍ ସଂଗ୍ରହ କରିଥିଲେ। ସେ ୪୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଦଳର ସ୍କୋର ୭୩ ରନ୍‌ରେ ତୃତୀୟ ଝଟକା ମିଳିଥିଲା। ଗୁରନୁର ବ୍ରାର୍‌ର ଭାରତକୁ ଏହି ସଫଳତା ଦେଇଥିଲେ। ସେହିପରି ବ୍ରାର୍‌ରଙ୍କ ବଲରେ ଟମ୍ ଲାଥମ (୩ ରନ୍) ଆଉଟ୍ ହୋଇଥିଲେ। ଲାଥମ୍ ୧୧ଟି ବଲ୍‌ର ସାମ୍ନା କରିଥିଲେ। ରୋହତ ଶର୍ମା ଏବଂ କେଏଲ୍ ରାହୁଲଙ୍କ ଦ୍ୱାରା ଡେରିଲ ମିଚେଲ ୨୮) ରନ୍ ଆଉଟ ହୋଇଥିଲେ। ନ୍ୟୁଜିଲାଣ୍ଡ ୮୪ ରନ୍‌ରେ ଚତୁର୍ଥ, ୯୭ ରନ୍‌ରେ ପଞ୍ଚମ ଏବଂ ୧୧୩ ରନ୍‌ରେ ଷଷ୍ଠ ୱିକେଟ୍ ହରାଇଥିଲା। ଅଂଶୁଲ କମ୍ବୋଜଙ୍କ ଦ୍ୱାରା ମିଚେଲ ସାଣ୍ଟନର ବୋଲ୍ଡ ହୋଇଥିଲେ। ଏହା ପୂର୍ବରୁ ସେ ୧୬ଟି ବଲ୍ ସାମ୍ନା କରି ୪ ରନ୍ କରିଥିଲେ।

ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି: ମାଲେସିଆ ବିପକ୍ଷରୁ ଭାରତର ଅଭିଯାନ



ଭୋପାଳ: ଚଳିତ ମାସ ୧୯ରୁ ଭୋପାଳସ୍ଥିତ ନାଥୁ ବର୍ଖେଦା ଅନ୍ତର୍ଜାତୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ନବନିର୍ମିତ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି। ଏହି ୬ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଲଗାତାର ତୃତୀୟ ଟ୍ରଫି ଜିତିବା ଆଶାରେ ଥିବା ଘରୋଇ ଦଳ ଭାରତ ଉଦ୍‌ଘାଟନୀ ଦିବସରେ ମାଲେସିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୧ରେ ଦକ୍ଷିଣ କୋରିଆ, ୨୨ରେ ଥାଇଲାଣ୍ଡ, ୨୪ରେ ଚୀନ୍, ୨୫ରେ ଜାପାନ ବିପକ୍ଷରେ ଖେଳିବ। ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଜାପାନ, ଚୀନ, ମାଲେସିଆ, ଥାଇଲାଣ୍ଡ ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରିବେ। ପ୍ରତି ଦଳ ନିଜ ନିଜ ମଧ୍ୟରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ୍ ଖେଳିବେ। ଟେବୁଲର ଶେଷରେ ଥିବା ଦୁଇ ଦଳ ପଞ୍ଚମ ଓ ଷଷ୍ଠ ସ୍ଥାନ ପାଇଁ ଲଢ଼େଇ କରିବେ। ଏହି ମ୍ୟାଚ୍‌ଗୁଡ଼ିକ ୨୭ରେ ଏବଂ ଫାଇନାଲ୍ ଓ କାଂସ୍ୟ ମୁକାବିଲା ୨୮ରେ ଅନୁଷ୍ଠିତ ହେବ। ଗତ ମାସରେ ଜାପାନରେ ଆୟୋଜିତ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବା ପରେ ଭାରତୀୟ ମହିଳା ଦଳର ଏହା ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ଭାରତ ୨୦୧୬, ୨୦୨୩, ୨୦୨୪ରେ ଏସୀୟ ଚାମ୍ପିଅନ୍ସ ଟ୍ରଫିରେ ବିଜେତା ହୋଇଥିଲା।

ଭାରତ-ପାକିସ୍ତାନ ବିଶ୍ୱକପ୍ ମୁକାବିଲା: ଟିକେଟ ଲାଗି ରେକର୍ଡ ୮୪ ଲକ୍ଷ ଅବେଦନ



ଜୋହାନେସବର୍ଗ: ଆସନ୍ତା ବର୍ଷ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବ ୨୦୨୭ ଦିନିକିଆ ବିଶ୍ୱକପ୍। ଜୋହାନେସ୍‌ବର୍ଗର ଦ ୱାଣ୍ଡେରର୍ସରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଅକ୍ଟୋବର ୧୦ ତାରିଖରେ ଲଢ଼େଇକୁ ଅବତୀର୍ଣ୍ଣ ହେବେ। ଏହି ମ୍ୟାଚ୍ ଆଉ ପ୍ରାୟ ୧୧ ମାସ ଥିଲା ବେଳେ ଏବେଠୁ ଏହାର ଚାହିଦା ବଢ଼ିଲାଣି। ଏହି ମ୍ୟାଚ୍‌ର ଟିକେଟ ଲାଗି ୮୪ ଲକ୍ଷ ଆବେଦନ ଆସିଥିବା ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଏହି ପଡ଼ିଆର କ୍ଷମତା ୩୪,୦୦୦ ରହିଛି। ଏହି ସମାନ ପଡ଼ିଆରେ ଫାଇନାଲ୍ ବି ଖେଳାଯିବ। ଏଥିପାଇଁ ଭାରତ-ପାକିସ୍ତାନ ମ୍ୟାଚ୍‌ଠୁ କିଛି କମ୍ ପ୍ରାୟ ୮୦ ଲକ୍ଷ ଆବେଦନ ଆସିଛି। ଅକ୍ଟୋବର ୨ରୁ ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ୧୪ ଦଳୀୟ ପ୍ରତିଯୋଗିତା ଲାଗି ମୋଟ ଉପରେ ୧୨ କୋଟିରୁ ଆବେଦନ ଆସିଲାଣି।

ଆକଲାଣ୍ଡରେ ଦର୍ଶକଙ୍କ ହୃଦୟ ଜିତିଲେ କୋହଲି

ଆକଲାଣ୍ଡ: ଆକଲାଣ୍ଡର ଇଡେନ୍ ପାର୍କରେ ଟିମ୍ ଇଣ୍ଡିଆ ବୁଧବାର ନ୍ୟୁଜିଲାଣ୍ଡକୁ ୫ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମୁକାବିଲାରେ ପରାସ୍ତ କରିଛି। ୫ୱିକେଟ୍‌ରେ ଜିତିଥିବା ଭାରତୀୟ ଟିମ୍‌ର ନାୟକ ସାଜିଛନ୍ତି ବିରାଟ କୋହଲି। କିଙ୍ଗ କୋହଲି ନିଜର ଜନ୍ମଦିନ ପୂର୍ବରୁ ୮୦ତମ ଅର୍ଦ୍ଧଶତକ ଏଠାରେ ହାସଲ କରିଛନ୍ତି। ଭାରତ ୧୮୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା ବେଳେ ବିସ୍ଫୋରକ ବ୍ୟାଟର ବିରାଟ କୋହଲି ୧୪୫.୩୮ ଷ୍ଟ୍ରାଇକ୍‌ରେ ୭୪ ରନ୍ ସଂଗ୍ରହ କରିଛନ୍ତି। ସେ ୫୧ଟି ବଲ୍ ଖେଳି ୧୩ଟି ଚୌକା ଏବଂ ଗୋଟିଏ ଛକା ମାରି ଦର୍ଶକଙ୍କୁ ଜନ୍ମଦିନର ଆଗୁଆ ଉପହାର ଦେଇଛନ୍ତି। ଦର୍ଶକମାନେ ମଧ୍ୟ ବିରାଟ କୋହଲିଙ୍କର ଏହି ଚମତ୍କାର ପ୍ରଦର୍ଶନରେ ଖୁସି ଅନୁଭବ କରିଛନ୍ତି। ଦଳୀୟ ସ୍କୋର୍ ୧୦.୫ ଓଭରରେ ୫୪/୧ ଥିଲା ବେଳେ ବର୍ଷା ହୋଇଥିଲା। ମ୍ୟାଚ୍ ୧ ଘଣ୍ଟା ବନ୍ଦ ହେବା ପରେ ଭାରତ ସମ୍ମୁଖରେ ପରବର୍ତ୍ତୀତ ବିଜୟ ଲକ୍ଷ୍ୟ ୪୦ ଓଭରରେ ୧୬୭ ରନ୍ ରହିଥିଲା। ଏହାପରେ ଆଉ ୨ ଓଭର ଖେଳାଯାଇଛି ପୁଣି ବର୍ଷା ହେବାରୁ ମ୍ୟାଚ୍ ଅଧଘଣ୍ଟା ସ୍ଥଗିତ ରହିଥିଲା। ଏହା ପରେ ଭାରତକୁ ନୂଆ ବିଜୟ ଲକ୍ଷ୍ୟ ୩୨ ଓଭରରେ ୧୪୩ ରନ୍ ମିଳିଥିଲା।ବର୍ଷା ବାଧିତ ମ୍ୟାଚ୍‌କୁ ଭାରତୀୟ ଟିମ୍‌କୁ ଡିଏଲ୍‌ଏସ୍ ନିୟମ ଅନୁସାରେ ୧୪୩ ରନ୍‌ର ଟାର୍ଗେଟ ମିଳିଥିଲା। ଭାରତୀୟ ଟିମ୍ ଏହାକୁ ୫୬ଟି ବଲ୍ ବାକି ଥାଇ ୨୨.୪ ଓଭରରେ ହାସଲ କରିଥିଲା। ଶୃଙ୍ଖଳାର ଆଗାମୀ ମ୍ୟାଚ୍ ନଭେମ୍ବର ୭ରେ ୱେଲିଂଟନରେ ଖେଳାଯିବ। ସୂଚନାଯୋଗ୍ୟ ବିରାଟ କୋହଲିଙ୍କ ଜନ୍ମଦିନ ହେଉଛି ନଭେମ୍ବର ୫ ତାରିଖ। ସଂକ୍ଷିପ୍ତ ସ୍କୋର୍: ନ୍ୟୁଜିଲାଣ୍ଡ ୪୨.୨ ଓଭରରେ ୧୮୫ (ଟିମ୍ ସେଫର୍ଟ ୩୮, ବ୍ଲେୟର ଟିକ୍‌ନର ୩୪, ଗ୍ଲେନ୍ ଫିଲିପ୍ସ ୩୦, ଅର୍ଶଦୀପ ସିଂହ ୪/୭୦, ଗୁରନୂର ବ୍ରାର ୩/୪୪, ଅଂଶୁଲ କମ୍ବୋଜ ୨/୨୨)। ଭାରତ ୨୨.୪ ଓଭରରେ ୧୪୩/୫ (ବିରାଟ କୋହଲି ୭୪ , ଶୁବମନ ଗିଲ୍ ୩୭, ଜାକବ ଡଫି ୩/୪୯, ନାଥନ ସ୍ମିଥ୍ ୧/୨୧, କାଇଲ ଜାମିସନ ୧/୩୪)।

Printed and Published by Santosh Kumar Dash on behalf of Narada Barta, Published at Berhampur,Ganjam, Odisha 760001 and Printed at SAI SUDHA WEB SERVICE,PLOT NO. 186/346, NEAR BLOOSM SCHOOL, GA COLONY, BHARATPUR, CHANDAKA ROAD, KHORDHA, ODISHA - 751003.
Editor : Santosh Kumar Dash
କାର୍ଯ୍ୟନିର୍ବାହୀ ସମ୍ପାଦକ - ଡଃ. ଦେବାନନ୍ଦ ଦାଶ
Title : NARADA BARTA
Periodicity : DAILY
Languages : Odia
RNI NO-ORORI26A4793